ଓଡ଼ିଶା ସରକାର

GOVERNMENT OF ODISHA

ଓଡ଼ିଶା ବିଧାନସଭାରେ

୨୦୧୨-୧୩ ବର୍ଷ ପାଇଁ

# ବଜେଟ୍ ଉପସ୍ଥାପନ ଅବସରରେ

ଅର୍ଥ ମନ୍ତ୍ରୀ

## ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ

ଅଭିଭାଷଣ



୨୪ ଫେବୃୟାରୀ, ୨୦୧୨

ମାନ୍ୟବର ବାଚସ୍ପତି ମହୋଦୟ !

ଏହି ପବିତ୍ର ଗୃହରେ 2012-13 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ପାଇଁ ଆପଣ ମୋତେ ସୁଯୋଗ ଦେଇଥିବାରୁ ମୁଁ ସର୍ବପ୍ରଥମେ ଆପଣଙ୍କୁ ଏବଂ ଗୃହର ନେତା ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ଏହି ଅବସରରେ ବିଗତ ବର୍ଷ ମାନଙ୍କରେ ମାନ୍ୟବର ବିରୋଧୀଦଳର ନେତା ତଥା ସମସ୍ତ ମାନ୍ୟବର ସଦସ୍ୟ ଓ ସଦସ୍ୟାଙ୍କ ଆନ୍ତରିକ ସାହାଯ୍ୟ ଓ ସହଯୋଗ ପାଇଁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇବା ସଙ୍ଗେସଙ୍ଗେ ଆଗାମୀ ଦିନରେ ମୋ ପ୍ରତି ସେମାନଙ୍କର ଏହି ଶ୍ରଦ୍ଧା ଓ ସଦିଚ୍ଛା ଅତୁଟ ରହିବବୋଲି ଆଶା କରୁଅଛି । ଏହି ଅବସରରେ ନିକଟରେ ସମାପ୍ତ ହୋଇଥିବା ପଞ୍ଚାୟତ ନିର୍ବାଚନରେ ରାଜ୍ୟବାସୀ ଆମ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାରଙ୍କୁ ବିପୁଳ ସମର୍ଥନ ଦେଇଥିବାରୁ ମୁଁ ମଧ୍ୟ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି ।

## 2. **ଅର୍ଥନୀତିର ସ୍ଥୂଳ ଦୃଶ୍ୟପଟ୍ଟ** (Macro Economic Overview)

2.1 ବିଶ୍ୱ ଅର୍ଥନୀତି 2008-09 ଆର୍ଥିକ ବର୍ଷର ମାନ୍ଦାବସ୍ଥାରୁ ମୁକୁଳିଥିଲେ ମଧ୍ୟ ୟୁରୋ ଅଞ୍ଚଳରେ ଉପୁଜିଥିବା ସାର୍ବଭୌମ ଋଣ ସମସ୍ୟା ବିଶ୍ୱ ଆର୍ଥିକ ବାତାବରଣକୁ ଆହୁରି ଅସ୍ଥିରତା ମଧ୍ୟକୁ ଠେଲି ଦେଇଛି; ଯାହାଦ୍ୱାରା ସମଗ୍ର ୟୁରୋ ଅଞ୍ଚଳ ଏକ ନୂତନ ସଙ୍କଟର ସମ୍ମୁଖୀନ ହୋଇଛି । ଏହାର ପ୍ରଭାବ ଭାରତ ସମେତ ପ୍ରଗତିଶୀଳ ବଜାର ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରୁଛି। ଏହି ଅସ୍ଥିରତା ଯୋଗୁ ବିଶ୍ୱ ଅର୍ଥନୀତି ଅଦ୍ୟାବଧି ଆର୍ଥିକ ସଙ୍କଟରୁ ମୁକ୍ତ ହୋଇପାରିନାହିଁ । ବାସ୍ତବରେ 2011 ସେପ୍ଟେମ୍ବର ମାସଠାରୁ ବିଭିନ୍ନ ସଂସ୍ଥା ଆମେରିକା ଏବଂ ୟୁରୋ ଅଞ୍ଚଳ ପାଇଁ ସେମାନଙ୍କ ଅଭିବୃଦ୍ଧି ହାରକୁ ସଂଶୋଧିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ଅର୍ଥନୈତିକ ସ୍ଥିରତା ରିପୋର୍ଟରେ ଆକଳିତ ତଥ୍ୟକୁ ମୁଁ ଏଠାରେ ଉଲ୍ଲେଖ କରୁଛି - " ସାଂପ୍ରତିକ ସଂକଟମୟ ପରିସ୍ଥିତିରେ ଅବିରତ ଆର୍ଥିକ ମାନ୍ଦାବସ୍ଥା,

ଉକ୍ତ ସାର୍ବଭୌମ ଋଣ ସମସ୍ୟା ଏବଂ ଏହାର ସମାଧାନର ଏକ ବିଶ୍ୱାସ ଯୋଗ୍ୟ ସଂସ୍ଥାର ଅଭାବ ଯୋଗୁଁ ବିଶ୍ୱ ଆର୍ଥିକ ସ୍ଥିତି ଅଧିକରୁ ଅଧିକ ଅନିଶ୍ଚିତତା ଆଡକୁ ଠେଲି ହୋଇଯାଉଛି । ବିଶ୍ୱରେ ଉପୁଜିଥିବା ଏସବୁ ସମସ୍ୟା ଭାରତୀୟ ଅର୍ଥନୀତିରେ ମଧ୍ୟ ବାଣିଜ୍ୟ ବ୍ୟବସାୟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଅନୁଭୂତ ହେଉଛି । ପ୍ରତିକୂଳ ବିଶ୍ୱ ଘଟଣାବଳୀ, ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫିତି, ଶକ୍ତି କ୍ଷେତ୍ରରେ ମୂଲ୍ୟବୃଦ୍ଧି, କେତେକ ବିଶେଷ କ୍ଷେତ୍ରରେ ଦକ୍ଷତାର ଅଭାବ ଓ ପୁଞ୍ଜିବିନିଯୋଗରେ ଶିଥିଳତା ଆଦି ବିବିଧ ଘରୋଇ କାରଣ ଉଚ୍ଚ ଅଭିବୃଦ୍ଧି ହାର ବଜାୟ ରଖିବାରେ ଆହ୍ୱାନ ସୃଷ୍ଟି କରିଛି ।"

2.2 ବିଶ୍ୱ ଆର୍ଥିକ ଅବସ୍ଥାରେ ଅନିଶ୍ଚିତତା ଯୋଗୁଁ 2011-12 ଆର୍ଥିକ ବର୍ଷରେ ଅଭିବୃଦ୍ଧି ଆଶାନୁରୂପକ ହୋଇପାରିନାହିଁ । କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥାର ଆଗୁଆ ଆକଳନ ଅନୁସାରେ ଚଳିତବର୍ଷ ସାମଗ୍ରୀକ ଘରୋଇ ଉତ୍ପାଦକ (GDP) ର ମୂଳ ଅଟକଳ 9 ପ୍ରତିଶତ ଥିବାବେଳେ ବାସ୍ତବରେ ଏହି ଅଭିବୃଦ୍ଧି 6.9 ପ୍ରତିଶତରେ ହେବବୋଲି ଆଶା କରାଯାଉଛି, ଯାହା ବିଗତ ବର୍ଷର ଅଭିବୃଦ୍ଧି 8.4 ପ୍ରତିଶତରୁ ଯଥେଷ୍ଟ କମ୍ ହେବ । ରାଜ୍ୟ ଅର୍ଥନୀତିରେ 2011-12 ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର 7.2 ପ୍ରତିଶତ ହେବବୋଲି ଆକଳନ କରାଯାଇଛି; ଯଦିଓ ଗତବର୍ଷ ଏହା 8.6 ପ୍ରତିଶତ ରହିଥିଲା ।

2.3 ବିଶ୍ୱ ଆର୍ଥିକ ସ୍ଥିତିରେ ଶିଥିଳତା ଯୋଗୁଁ ଜାତୀୟ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ଦେଶ ତଥା ରାଜ୍ୟ ସରକାରଙ୍କ ଟିକସ ଆଦାୟ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ । ଯଦିଓ ଏହା ଦ୍ୱାରା ଆମ ରାଜ୍ୟ ଏ ପର୍ଯ୍ୟନ୍ତ ବିଶେଷଭାବେ ପ୍ରଭାବିତ ହୋଇନାହିଁ; ତଥାପି ଆଗାମୀ ଦିନରେ ଏହାର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ ।

## 3. ଆଗାମୀ ବର୍ଷ ବଜେଟର ଅଗ୍ରାଧିକାର କ୍ଷେତ୍ର

ମୁଁ ପ୍ରଥମେ ଆଗାମୀ ବର୍ଷ ବଜେଟ୍‌ର କେତେଗୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ଆପଣମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛି ।

3.1 ଆପଣ ମାନେ ଜାଣନ୍ତି ଯେ 2012-13 ଆର୍ଥିକ ବର୍ଷ ହେଉଛି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷ । ଏହି ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଆଭିମୁଖ୍ୟ ହେଉଛି "ଦ୍ରୁତ, ପୋଷଣୀୟ ଏବଂ ଅଧିକ ଅନ୍ତର୍ଭୁକ୍ତିଭିତ୍ତିକ ଅଭିବୃଦ୍ଧି" (Faster, Sustanable and More Inclusive Growth) । ଅବଶ୍ୟ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇନାହିଁ ; କିନ୍ତୁ ଦ୍ୱାଦଶ ପଞ୍ଚ ବାର୍ଷିକ ଯୋଜନାର ଅଗ୍ରାଧୀକାର କ୍ଷେତ୍ର ଗୁଡିକୁ 2012-13 ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତାବରେ ଅନ୍ତର୍ଭୁକ୍ତ କରାଯାଇଛି ।

3.2 ଏହି ବଜେଟ୍ ପ୍ରସ୍ତାବରେ ଆମ ରାଜ୍ୟର ନାଗରିକମାନଙ୍କ ଖାଦ୍ୟ, ନିଯୁକ୍ତି ଏବଂ ସ୍ୱାସ୍ଥ୍ୟ ଜନିତ ନିରାପତ୍ତା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଗୁଡିକୁ ସୁଦୃଢୀକରଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି ।

3.3 ରାଜ୍ୟ ଅର୍ଥନୀତିର ଦ୍ରୁତ ଅଭିବୃଦ୍ଧି ବଜାୟ ରଖିବା ପାଇଁ ରାଜ୍ୟରେ ଭିତ୍ତିଭୂମିର ଉନ୍ନୟନକୁ ମଧ୍ୟ ଅଗ୍ରାଧିକାର ଦିଆଯାଇଛି । ଏହି ଲକ୍ଷ୍ୟରେ ଆବଶ୍ୟକ କ୍ଷେତ୍ରରେ ସରକାରୀ ଘରୋଇ ଭାଗିଦାରୀ (Public Private Partnership) କୁ ବ୍ୟାପକ ଭାବରେ ଉପଯୋଗ କରାଯିବ ।

3.4 ରାଜ୍ୟ ଅର୍ଥନୀତିରେ ଅଭିବୃଦ୍ଧି ହାରକୁ ଜାରି ରଖିବାକୁ ହେଲେ ପୁଞ୍ଜି ଖର୍ଚ୍ଚକୁ ବୃଦ୍ଧି କରିବାକୁ ପଡିବ । ସେଥିପାଇଁ ବଜେଟ୍‌ରେ ମୁଁ ପୁଞ୍ଜି ଖର୍ଚ୍ଚ ପାଇଁ ଅଧିକ ବ୍ୟୟବରାଦ କରିବାକୁ ଆନ୍ତରିକ ଉଦ୍ୟମ କରିଛି ।

*3.5 ସମାଜର ଅବହେଳିତ ଓ ଦଳିତ ବର୍ଗର ସାମାଜିକ ନିରାପତ୍ତା କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ମାନବ ସମ୍ବଳର ବିକାଶ ପାଇଁ ଅଧିକ ଅର୍ଥ ବିନିଯୋଗ ଉପରେ ମଧ୍ୟ ମୁଁ ଗୁରୁତ୍ୱ ଆରୋପ କରିଛି ।*

## 4. ପ୍ରାକ୍ ବଜେଟ୍ ପରାମର୍ଶ (Pre-Budget Consultation)

*4.1 ବଜେଟ୍ ପ୍ରସ୍ତୁତିକୁ ଅଧିକ ପରାମର୍ଶ ଭିତ୍ତିକ କରିବା ଲକ୍ଷ୍ୟରେ ସମାଜର ବିଭିନ୍ନ ବର୍ଗ ଯଥା ବିଶେଷଜ୍ଞ, ବ୍ୟବସାୟୀ ଏବଂ ଶିଳ୍ପୋଦ୍ୟୋଗୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକ ଓ କୃଷି ସଂଗଠନର ପ୍ରତିନିଧି ମାନଙ୍କ ସହିତ ମୁଁ ଦୁଇଥର ବିଚାର ଆଲୋଚନା କରିଛି । ଏହି ଆଲୋଚନା ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଆମକୁ ମିଳିଅଛି । ଯେଉଁ ପ୍ରମୁଖ ବିଷୟ ଗୁଡିକ ଉପରେ ସହମତି ପ୍ରକାଶ ପାଇଥିଲା, ସେଗୁଡିକ ହେଉଛି-*

- *i) କୃଷି କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ।*
- *ii) ପୁଞ୍ଜିସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଯଥେଷ୍ଟ ଅର୍ଥ ବରାଦ ।*
- *iii) ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଧିକ ବ୍ୟୟବରାଦ ।*
- *iv) ପୁଞ୍ଜିସମ୍ପତ୍ତି ବୃଦ୍ଧିପାଇଁ ବର୍ଦ୍ଧିତ ବ୍ୟୟ ଅଟକଳ ।*
- *v) ଅଧିକ ଟିକସ ଆଦାୟ ପାଇଁ ପଦକ୍ଷେପ ।*
- *vi) ଅନାବଶ୍ୟକ ସରକାରୀ ପ୍ରୋତ୍ସାହନ (Subsidy) ର ସଙ୍ଗତିକରଣ ଓ ପର୍ଯ୍ୟାୟକ୍ରମିକ ଉଚ୍ଛେଦ ।*
- *vii) ବ୍ୟୟବରାଦର ପରିଣାମର ପର୍ଯ୍ୟାଲୋଚନା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା (Institutionalization of Outcome Monitoring)*

*4.2 ମୁଁ ମୋ ବଜେଟ୍ ପ୍ରସ୍ତାବରେ ଏଥିମଧ୍ୟରୁ କେତେକ ବିଷୟ କାର୍ଯ୍ୟକାରୀ କରିବାକୁ ପ୍ରଚେଷ୍ଟା କରିଛି । ମୁଁ ଏକଥା ମଧ୍ୟ ଏହି ଗୃହକୁ ସୂଚାଇ ଦେବାକୁ ଚାହେଁ ଯେ ଭବିଷ୍ୟତରେ ଏହି ପରାମର୍ଶ ପ୍ରକ୍ରିୟା ଜାରିରହିବ ।*

## 5. 2011-12 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ

*2011-12 ଆର୍ଥିକ ବର୍ଷର ସଂଶୋଧିତ ରାଜସ୍ୱ ପ୍ରାପ୍ତିର ଅଟକଳ ଚଳିତ ଆର୍ଥିକ ବର୍ଷର ପ୍ରଥମ ନଅ ମାସ ମଧ୍ୟରେ ଆଦାୟ ହୋଇଥିବା ରାଜସ୍ୱ ପରିମାଣ ଏବଂ ଜାତୀୟ ଓ ରାଜ୍ୟ ଅର୍ଥନୀତିର ପ୍ରାକ୍ ଆକଳନ ଉପରେ ପର୍ଯ୍ୟବେସିତ । ସେହିପରି ବ୍ୟୟର ସଂଶୋଧିତ ଅଟକଳ ଅଣଯୋଜନା, ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର ବଜେଟ୍ ଅଟକଳ ଏବଂ ଅତିରିକ୍ତ ବଜେଟ୍ ଅଟକଳ ସହିତ ପ୍ରଥମ ତିନିଟି ତ୍ରୟ ମାସିକର ଖର୍ଚ୍ଚ ହିସାବକୁ ନେଇ ପ୍ରସ୍ତୁତ କରାଯାଇଛି ।*

## 6. 2012-13 ଆର୍ଥିକ ବର୍ଷ ବଜେଟ୍ ଅଟକଳର ସାରାଂଶ

*2012-13 ଆର୍ଥିକ ବର୍ଷର ବଜେଟ୍ ଅଟକଳ ତ୍ରୟୋଦଶ ଅର୍ଥ କମିଶନଙ୍କ ସର୍ତ୍ତାବଳୀ, ଯୋଜନା ଆୟୋଗଙ୍କ ସହ ଅଫିସର ସ୍ତରୀୟ ଆଲୋଚନାରେ ସ୍ଥିରୀକୃତ ହୋଇଥିବା ରାଜ୍ୟ ଯୋଜନା ଅଟକଳ ଏବଂ ରାଜ୍ୟ ସରକାରଙ୍କର ଅଗ୍ରାଧିକାର କ୍ଷେତ୍ରଗୁଡିକୁ ବିଚାରକୁ ନେଇ ପ୍ରସ୍ତୁତ କରାଯାଇଛି ।*

*6.1 ରାଜସ୍ୱ ପ୍ରାପ୍ତିର ଅଟକଳ ପ୍ରଥମ ନଅ ମାସରେ ଆଦାୟ ହୋଇଥିବା ରାଜସ୍ୱ ଆଦାୟର ପରିମାଣକୁ ନେଇ ପ୍ରସ୍ତୁତ କରାଯାଇଛି । କେନ୍ଦ୍ରୀୟ ଟିକସର ହସ୍ତାନ୍ତର ବାବଦରେ ତ୍ରୟୋଦଶ ଅର୍ଥକମିଶନ ଆକଳନ କରିଥିବା ପରିମାଣକୁ ହିସାବକୁ ନିଆଯାଇଛି । ରାଜ୍ୟ ଯୋଜନା ପାଇଁ କେନ୍ଦ୍ରୀୟ ସହାୟତାର ପରିମାଣ ଯୋଜନା କମିଶନଙ୍କ ସହିତ ଅଫିସରସ୍ତରୀୟ ଆଲୋଚନାକୁ ଆଧାରକରି ପ୍ରସ୍ତୁତ କରାଯାଇଛି ।*

*6.2 କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶ, ରାଜ୍ୟର ନିଜ ଟିକସ, ଅଣ ଟିକସ ତଥା ଅଣଯୋଜନା କ୍ଷେତ୍ରରେ କେନ୍ଦ୍ରରୁ ମିଳୁଥିବା ଅନୁଦାନକୁ ହିସାବକୁ ନେଇ 2012-13 ଆର୍ଥିକ ବର୍ଷପାଇଁ ରାଜ୍ୟର ମୋଟ୍ ରାଜସ୍ୱ ପ୍ରାପ୍ତି 43832 କୋଟି 74 ଲକ୍ଷ ଟଙ୍କା ହେବ ବୋଲି ଆକଳିତ ହୋଇଛି । 2012-13 ଆର୍ଥିକ ବର୍ଷରେ*

ଆମ ନିଜ ଟିକସ ଓ ଅଣ ଟିକସ ରାଜସ୍ୱ 20810 କୋଟି 28 ଲକ୍ଷ ଟଙ୍କା ହେବବୋଲି ଆକଳନ କରାଯାଇଛି, ଯାହା 2011-12 ଆର୍ଥିକ ବର୍ଷର ସଂଶୋଧିତ ଅଟକଳଠାରୁ 13.1 ପ୍ରତିଶତ ଅଧିକ ଅଟେ । 2011-12 ଆର୍ଥିକ ବର୍ଷରେ ଟିକସ / ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦକ (Tax/GSDP Ratio) 5.74 ପ୍ରତିଶତ ଥିବାବେଳେ 2012-13 ଆର୍ଥିକ ବର୍ଷରେ ଏହା 6 ପ୍ରତିଶତ ହେବବୋଲି ଲକ୍ଷ୍ୟ ରଖାଯାଇଛି ।

6.3 2012-13 ଆର୍ଥିକ ବର୍ଷରେ ଅଣଯୋଜନା ଖର୍ଚ୍ଚ ପାଇଁ ବ୍ୟୟବରାଦ ହୋଇଥିବା 34350 କୋଟି 49 ଲକ୍ଷ ଟଙ୍କା ମଧ୍ୟରେ ଦରମା, ପେନ୍‌ସନ୍, ସୁଧଦେୟ ଏବଂ ପୁଞ୍ଜିସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ 12342 କୋଟି 75 ଲକ୍ଷ, 5800 କୋଟି, 4511 କୋଟି 19 ଲକ୍ଷ ଏବଂ 3123 କୋଟି 32 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

6.4 ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ ଯୋଜନା କମିଶନଙ୍କ ସହ ଆଲୋଚନା ପରେ 2012-13 ଆର୍ଥିକ ବର୍ଷପାଇଁ ଯୋଜନା ଅଟକଳ 17200 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଅଛି । ଏଥିମଧ୍ୟରୁ 15200 କୋଟି ଟଙ୍କା ସରକାରୀ କ୍ଷେତ୍ର ଏବଂ 2000 କୋଟି ଟଙ୍କା ସରକାରୀ ଉଦ୍ୟୋଗ ଗୁଡିକ ପାଇଁ ଉଦ୍ଦିଷ୍ଟ ।

6.5 ଋଣ ପରିଶୋଧକୁ ମିଶାଇ 2012-13 ବଜେଟ୍‌ରେ ମୋଟ୍ 52030 କୋଟି 70 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ଅଣଯୋଜନା ବ୍ୟୟବାବଦକୁ 34350 କୋଟି 49 ଲକ୍ଷ ଟଙ୍କା ଆକଳିତ ହୋଇଛି; ଯାହା 2011-12 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଠାରୁ 14.65 ପ୍ରତିଶତ ଅଧିକ ଅଟେ । ସେହିପରି ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଯଥାକ୍ରମେ 15200 କୋଟି, 829 କୋଟି 78 ଲକ୍ଷ ଏବଂ 1650 କୋଟି 43 ଲକ୍ଷ - ଏହିପରି ମୋଟ୍ 17680 କୋଟି 21 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି; ଯାହା 2011-12 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ତୁଳନାରେ 19.27 ପ୍ରତିଶତ ଅଧିକ ଅଟେ ।

ମୁଁ ବର୍ତ୍ତମାନ 2012-13 ଆର୍ଥିକ ବର୍ଷ ବଜେଟ୍ ଅଟକଳର କେତେକ ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରୁଛି ।

6.6 ବିଗତ 10 ବର୍ଷରେ ସରକାରୀ କ୍ଷେତ୍ରରେ ପୁଞ୍ଜି ଖର୍ଚ୍ଚ ସାମଗ୍ରୀକ ଘରୋଇ ଉତ୍ପାଦକ (GSDP) ର 1.5 ପ୍ରତିଶତ ଠାରୁ 2 ପ୍ରତିଶତ ମଧ୍ୟରେ ସୀମିତ ରହିଆସିଛି । ନିରବଚ୍ଛିନ୍ନ ଅଭିବୃଦ୍ଧି ବଜାୟରଖିବା ପାଇଁ ପୁଞ୍ଜି କ୍ଷେତ୍ରରେ ଅଧିକ ବ୍ୟୟବରାଦର ଆବଶ୍ୟକତା ରହିଛି । ଏହାକୁ ଆଖି ଆଗରେ ରଖି ବଜେଟ୍‌ରେ ପୁଞ୍ଜି କ୍ଷେତ୍ରରେ ବ୍ୟୟ ବରାଦ 25 ପ୍ରତିଶତ ଅଧିକ କରାଯାଇଛି । ଏହି ଅଧିକ ବ୍ୟୟ ବରାଦ ଦ୍ୱାରା ପୁଞ୍ଜି ଖର୍ଚ୍ଚ ଘରୋଇ ଉତ୍ପାଦକ (GSDP)ର ପ୍ରାୟ 3 ପ୍ରତିଶତରେ ପହଞ୍ଚିବ ।

6.7 ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ପାଇଁ ବ୍ୟୟ ବରାଦ 2678 କୋଟି 43 ଲକ୍ଷ ଟଙ୍କାରୁ 3123 କୋଟି 32 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି; ଯାହା ପ୍ରାୟ 20 ପ୍ରତିଶତ ଅଧିକ ଅଟେ ।

6.8 ସାମାଜିକ ଓ ଅର୍ଥନୈତିକ ଉନ୍ନତି ହାସଲ ନିମନ୍ତେ ଉନ୍ନୟନ ମୂଳକ ଖର୍ଚ୍ଚ ଯଥା ସାମାଜିକ ଓ ଅର୍ଥନୈତିକ ସେବାରେ ଅଗ୍ରାଧୀକାର ଭିତ୍ତିରେ ବ୍ୟୟବରାଦ ସରକାରୀ ଖର୍ଚ୍ଚ ପରିଚାଳନାର ଏକ ମୁଖ୍ୟ ଲକ୍ଷ୍ୟ ଅଟେ । ଆମେ ବିଗତ କିଛି ବର୍ଷଧରି ଉନ୍ନୟନମୂଳକ ଖର୍ଚ୍ଚ ପାଇଁ ଅଧିକ ବ୍ୟୟବରାଦ କରିଆସୁଛୁ । ଫଳତଃ 2006-07 ଆର୍ଥିକ ବର୍ଷରେ ଉନ୍ନୟନ ମୂଳକ ଖର୍ଚ୍ଚ ମୋଟ ଖର୍ଚ୍ଚର 55 ପ୍ରତିଶତ ଥିବାବେଳେ 2012-13 ଆର୍ଥିକ ବର୍ଷର ବଜେଟ୍ ଅଟକଳ ଅନୁସାରେ ଏହା ପ୍ରାୟ 70 ପ୍ରତିଶତକୁ ବୃଦ୍ଧି ପାଇଛି ।

6.9 2012-13 ଆର୍ଥିକ ବର୍ଷ ପାଇଁ ଆକଳିତ ବ୍ୟୟବରାଦ ରାଜସ୍ୱ ପ୍ରାପ୍ତିରୁ 43842 କୋଟି 74 ଲକ୍ଷ ଟଙ୍କା, ଋଣ ଓ ଅଗ୍ରୀମରୁ 240 କୋଟି 29 ଲକ୍ଷ ଟଙ୍କା ଏବଂ ଋଣ ଓ ଅନ୍ୟାନ୍ୟ ପ୍ରାପ୍ତିରୁ 7947 କୋଟି 67 ଲକ୍ଷ ଟଙ୍କାରୁ ଭରଣା

*କରାଯିବ । 2012-13 ଆର୍ଥିକ ବର୍ଷରେ ରାଜ୍ୟର ନିଟ୍ ଋଣ ପରିମାଣ 3260 କୋଟି 54 ଲକ୍ଷରେ ଆକଳିତ ହୋଇଛି ; ଯାହା ମୋଟ ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦକ (GSDP)ର ମାତ୍ର 1.25 ପ୍ରତିଶତ ଅଟେ । ଏହାଦ୍ୱାରା ଋଣ ଉପରେ ରାଜ୍ୟର ନିର୍ଭରଶୀଳତା ହ୍ରାସ ପାଇଛି ।*

*7* **କ୍ଷେତ୍ରୀୟ ବ୍ୟୟବରାଦର ମୁଖ୍ୟାଂଶ**

*ଆସନ୍ତା ବର୍ଷରେ ସମସ୍ତ ବିଭାଗ ପାଇଁ ଅଧିକ ବ୍ୟୟବରାଦ କରାଯାଇଥିଲେ ମଧ୍ୟ ସବୁ ବିଭାଗର ବ୍ୟୟବରାଦ ସଂପର୍କରେ ଆଲୋକପାତ କରି ମୁଁ ଗୃହର ଅଧିକ ସମୟ ନେବାକୁ ଚାହୁଁନାହିଁ । ତେଣୁ ମୁଁ ବର୍ତ୍ତମାନ କେତେକ ପ୍ରମୁଖ କ୍ଷେତ୍ରରେ ହୋଇଥିବା ବ୍ୟୟବରାଦ ସମ୍ପର୍କରେ ସୂଚନା ଦେବାକୁ ଯାଉଛି ।*

7.1 **କୃଷି ଓ ଆନୁସଙ୍ଗିକ କ୍ଷେତ୍ର**

*7.1.1* **କୃଷି ବିଭାଗ**

*ଆମ ରାଜ୍ୟର 65 ପ୍ରତିଶତ ଲୋକ ସେମାନଙ୍କ ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ । ସୁତରାଂ କୃଷି କ୍ଷେତ୍ରର ଉନ୍ନତି ପାଇଁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଛି । କୃଷି ବିଭାଗରେ ରାଜ୍ୟ ଯୋଜନା ପାଇଁ 2011-12 ଆର୍ଥିକ ବର୍ଷରେ 1167 କୋଟି 98 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ 2012-13 ଆର୍ଥିକ ବର୍ଷରେ ଏହାକୁ 1516 କୋଟି 16 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବୃଦ୍ଧିର ହାର 42.64 ପ୍ରତିଶତ ଅଟେ ।*

- *ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY) ପାଇଁ 2012-13 ବଜେଟ୍‌ରେ 392 କୋଟି 66 ଲକ୍ଷ ଟଙ୍କା ଆକଳିତ ହୋଇଛି ।*
- *ଗଭୀର ନଳକୂପ ଖନନ ପାଇଁ* **ଜଳନିଧି** *ଯୋଜନାରେ 2011-12 ଆର୍ଥିକ ବର୍ଷ ବଜେଟ୍‌ରେ 63 କୋଟି 15 ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ 2012-13 ଆର୍ଥିକ ବର୍ଷ ବଜେଟ୍‌ରେ ଏହାକୁ 100*

କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥି ସହିତ 2012-13 ଆର୍ଥିକ ବର୍ଷରେ 10 ହଜାର ଗଭୀର ନଳକୂପ ଖନନ ପାଇଁ 150 କୋଟି ଟଙ୍କାର ବ୍ୟୟବରାଦ କରାହୋଇଛି ।

- କୃଷି କ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାର ପାଇଁ 2011-12 ଆର୍ଥିକ ବର୍ଷରେ 75 କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ 2012-13 ଆର୍ଥିକ ବର୍ଷରେ ଏହାକୁ 90 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- ସମନ୍ୱିତ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମ (Integrated Watershed Management Programme) ପାଇଁ 2011-12 ଆର୍ଥିକ ବର୍ଷରେ ରାଜ୍ୟ ଅଂଶ ବାବଦରେ 8 କୋଟି 65 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ 2012-13 ଆର୍ଥିକ ବର୍ଷ ବଜେଟ୍‌ରେ ଏଥିପାଇଁ 26 କୋଟି 55 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଓଡିଶା ଗ୍ରାମ୍ୟ ଜୀବିକା କାର୍ଯ୍ୟକ୍ରମ (JEEBIKA) ଅଧୀନରେ 2012-13 ଆର୍ଥିକ ବର୍ଷ ପାଇଁ 22 କୋଟି 13 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ ଉଦ୍ୟାନ କୃଷିର ଉନ୍ନତି ପାଇଁ 2012-13 ଆର୍ଥିକ ବର୍ଷରେ 50 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

7.1.2 **ଜଳ ସମ୍ପଦ ବିଭାଗ**

- ବର୍ତ୍ତମାନ ଆମ ରାଜ୍ୟରେ 61 ଲକ୍ଷ 65 ହଜାର ହେକ୍ଟର ଚାଷଜମି ରହିଛି । ଏଥି ମଧ୍ୟରୁ 30 ଲକ୍ଷ 15 ହଜାର ହେକ୍ଟର ଜମି ଜଳସେଚିତ ହୋଇଛି; ଯାହା ମୋଟ ଚାଷ ଜମିର 49 ପ୍ରତିଶତ ଅଟେ । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ଅତିରିକ୍ତ 9 ଲକ୍ଷ 36 ହଜାର ହେକ୍ଟର ଜମିକୁ

*ଜଳସେଚିତ କରିବାର ପ୍ରସ୍ତାବ ଅଛି; ଯାହା ମୋଟ ଚାଷ ଜମିର 15 ପ୍ରତିଶତ ଅଟେ । ଜଳ ସମ୍ପଦ ବିଭାଗରେ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ମୋଟ 3466 କୋଟି 42 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*

- *ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ପାଇଁ ରାଜ୍ୟ ଯୋଜନାରେ 1489 କୋଟି 63 ଲକ୍ଷ ଟଙ୍କାର ପ୍ରସ୍ତାବ ରହିଛି ।*

- *କ୍ଷୁଦ୍ର ଜଳସେଚନ ପାଇଁ 397 କୋଟି 63 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ଉଠା ଜଳସେଚନ ପାଇଁ 312 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଯହା ମଧ୍ୟରେ ବୃହତ ଜଳସେଚନ ପ୍ରକଳ୍ପଗୁଡିକ ପାଇଁ 150 କୋଟି ଟଙ୍କା ରଖାଯାଇଛି ।*

- *ଆଡିବନ୍ଧ ନିର୍ମାଣ ପାଇଁ 216 କୋଟି 14 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ବନ୍ୟା ନିୟନ୍ତ୍ରଣ ପାଇଁ 284 କୋଟି ଟଙ୍କା ଓ ସେଚାଞ୍ଚଳ ଉନ୍ନୟନ ପାଇଁ 86 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ଏହିସବୁ ବ୍ୟୟବରାଦ ଦ୍ୱାରା 2012-13 ଆର୍ଥିକ ବର୍ଷରେ ଅଧିକ ଏକ ଲକ୍ଷ ଦୁଇହଜାର ହେକ୍ଟର ଜମି ଜଳସେଚିତ ହୋଇପାରିବ ।*

### *7.1.3* **ସମବାୟ ବିଭାଗ**

*ସମବାୟ ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନାକୁ ମିଶାଇ 2012-13 ଆର୍ଥିକ ବର୍ଷ ବଜେଟ୍‌ରେ 241 କୋଟି 69 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ରାଜ୍ୟ ଯୋଜନା କ୍ଷେତ୍ରରେ ବ୍ୟୟ ଅଟକଳ 26 ପ୍ରତିଶତକୁ ବୃଦ୍ଧି ପାଇଛି ।*

- *ଚାଷୀମାନଙ୍କୁ ସ୍ୱଳ୍ପ ସୁଧ ହାରରେ ଋଣ ଯୋଗାଇ ଦେବାପାଇଁ 98 କୋଟି 70 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- ଚାଷୀମାନଙ୍କ କ୍ଷେତ୍ରରେ ଶସ୍ୟବୀମା ପାଇଁ 15 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ 37 ଗୋଟି ବିପଣନ କେନ୍ଦ୍ର (Market Yard) ଉନ୍ନତି ପାଇଁ 15 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ବରଗଡ ଚିନିକଳ ଏବଂ ଆସ୍କା ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ଏବଂ ବୈଷୟିକ ଉନ୍ନତିକରଣ ପାଇଁ 5 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

7.1.4 **ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ**

- ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗରେ 2012-13 ଆର୍ଥିକ ବର୍ଷପାଇଁ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 385 କୋଟି 84 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- 2012-13 ଆର୍ଥିକ ବର୍ଷରେ ନୂଆ ପଶୁଧନ ନିରୀକ୍ଷକ କେନ୍ଦ୍ର ଖୋଲିବା ପାଇଁ 15 କୋଟି 84 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- 50:50 ଅନୁପାତରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଦଶ ଲକ୍ଷ ମତ୍ସ୍ୟଜିବୀଙ୍କ ଜୀବନବୀମା ପାଇଁ 2 କୋଟି 90 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଭାରତ କୃଷି ଭିତ୍ତିଭୂମି ପ୍ରତିଷ୍ଠାନ (Bharat Agro Industries Foundation) ସହାୟତାରେ କଲ୍ୟାଣୀ ପ୍ରକଳ୍ପ ପାଇଁ 2012-13 ଆର୍ଥିକ ବର୍ଷରେ 6 କୋଟି 92 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 7.1.5 ଜଙ୍ଗଲ ଓ ପରିବେଶ ବିଭାଗ

- ରାଜ୍ୟ ଯୋଜନା ଅଟକଳକୁ ମିଶାଇ 2012-13 ଆର୍ଥିକ ବର୍ଷରେ ଜଙ୍ଗଲ ଓ ପରିବେଶ ବିଭାଗ ବଜେଟ୍‌ରେ 593 କୋଟି 08 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବାହ୍ୟ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ସହାୟତାରେ ଓଡିଶା ଜଙ୍ଗଲ ଉନ୍ନୟନ ପ୍ରକଳ୍ପ ପାଇଁ 90 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ଯୋଜନା ଅଧୀନରେ ଜଙ୍ଗଲ ଜମି ସୃଷ୍ଟି ପାଇଁ ଏବଂ ଜଙ୍ଗଲ ବାହାରେ ଚାରା ଗଛ ବଣ୍ଟନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଅଛି ।

- ପତିତ ଜମିର ପୁନରୁଦ୍ଧାର ସମେତ ଦୁଇ ଲକ୍ଷ ହେକ୍ଟର ଜଙ୍ଗଲ ଜମି ସୃଷ୍ଟି ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିପାଇଁ "ଆମ ଜଙ୍ଗଲ ଯୋଜନା" ଅଧୀନରେ 6 କୋଟି 15 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ନଗରାଞ୍ଚଳରେ ଏବଂ ଟାଙ୍ଗରା ପର୍ବତରେ ବୃକ୍ଷ ରୋପଣ ନିମନ୍ତେ ଯଥାକ୍ରମେ 14 କୋଟି 55 ଲକ୍ଷ ଏବଂ 6 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟରେ ହସ୍ତୀ ଅଳିନ୍ଦ (Elephant Corridor) ପରିଚାଳନା ଓ ଉନ୍ନୟନ ପାଇଁ 2012-13 ଆର୍ଥିକ ବର୍ଷରେ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ପ୍ରତି 20ଟି କେନ୍ଦୁପତ୍ରର କ୍ରୟ ମୂଲ୍ୟ 35 ପଇସାରୁ 40 ପଇସାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ଆଠ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ । ସମସ୍ତ କେନ୍ଦୁପତ୍ର ତୋଳାଳିଙ୍କୁ 2012-13 ଆର୍ଥିକ ବର୍ଷରେ

*ଜନଶ୍ରୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।*

## *7.2* ସାମାଜିକ ସେବା

### *7.2.1* ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

*ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ମୋଟ 1820 କୋଟି 40 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହା ଚଳିତ ବର୍ଷର ବ୍ୟୟ ବରାଦ ତୁଳନାରେ 25 ପ୍ରତିଶତ ଅଧିକ ଅଟେ । ସରକାରଙ୍କ ଦ୍ୱାରା ପରିଚାଳିତ ହାସପାତାଳରେ ସ୍ୱାସ୍ଥ୍ୟ ସୁରକ୍ଷା ମାଧ୍ୟମରେ ପକେଟ ଖର୍ଚ୍ଚ କମାଇବା ପାଇଁ ଔଷଧ ଓ ପଥି ନିମନ୍ତେ ବ୍ୟୟବରାଦ କରାଯାଇଛି ।*

- *ଔଷଧ କ୍ରୟ ପାଇଁ ଚଳିତ ବର୍ଷ ବଜେଟ୍‌ରେ 50 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଆଗାମୀ ବର୍ଷ ପାଇଁ ଏହାକୁ ଯଥେଷ୍ଟ ବୃଦ୍ଧି କରାଯାଇ 104 କୋଟି 56 ଲକ୍ଷ ଟଙ୍କାରେ ରଖାଯାଇଛି । ଏହା 110 ପ୍ରତିଶତ ଅଧିକ ଅଟେ ।*

- *ଆନ୍ତଃବିଭାଗ ରୋଗୀଙ୍କ ପଥି ନିମନ୍ତେ 22 କୋଟି 72 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ଚଳିତ ବର୍ଷ ତୁଳନାରେ 37 ପ୍ରତିଶତ ଅଧିକ ଅଟେ ।*

- *ମୁଁ ପୂର୍ବରୁ ସୂଚାଇଛି ଯେ ନାଗରିକ ମାନଙ୍କୁ ସ୍ୱାସ୍ଥ୍ୟ ନିରାପତ୍ତା ଯୋଗାଇବା ପାଇଁ ବଜେଟ୍ ପ୍ରସ୍ତାବରେ ପ୍ରାଧାନ୍ୟ ଦିଆଯାଇଛି । ଏହା କହିବା ଅନାବଶ୍ୟକ ଯେ ସରକାରୀ ଡାକ୍ତରଖାନାରେ ଅଧିକ ତାଲିମ୍‌ପ୍ରାପ୍ତ ଡାକ୍ତର ନିଯୁକ୍ତି ବିନା ଆମର ସ୍ୱାସ୍ଥ୍ୟ ନିରାପତ୍ତାରେ ଉନ୍ନତି ଆସିବ ନାହିଁ । ଏକଥାକୁ ଆଖି ଆଗରେ ରଖି ଆମେ ଆଗାମୀ 4 ବର୍ଷ*

ମଧ୍ୟରେ 3 ଟି ଭେଷଜ ମହାବିଦ୍ୟାଳୟରେ ସିଟ୍ ସଂଖ୍ୟା 150 ରୁ 250 କୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛୁ । ଏଥିପାଇଁ ଭିତ୍ତିଭୂମି ଉନ୍ନୟନ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାପାଇଁ 400 କୋଟି ଟଙ୍କାର ଆବଶ୍ୟକତା ଅଛି । ରାଜ୍ୟ ଯୋଜନା କ୍ଷେତ୍ରରେ ଆଗାମୀ ବର୍ଷ ପାଇଁ ଏହି ଉଦ୍ଦେଶ୍ୟରେ 32 କୋଟି 30 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ରାଜ୍ୟରେ "ଜରୁରୀକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା ଯୋଗାଣ" ନାମରେ ଏକ ନୂତନ ଯୋଜନା ପ୍ରଣୟନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ଦଫାରେ 15ଟି ଜିଲ୍ଲାରେ ଏହି ନୂଆ ଯୋଜନା କାର୍ଯ୍ୟକାରୀ ହେବ । ଏଥିପାଇଁ ଓଡିଶା ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରକଳ୍ପ (Odisha Health Sector Project) ପାଣ୍ଠିରୁ ଆମ୍ବୁଲାନ୍ସ କ୍ରୟ ପାଇଁ 10 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହାର କାର୍ଯ୍ୟକାରିତା ପାଇଁ 6 କୋଟି 22 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପାଇଁ ରାଜ୍ୟ ଅଂଶ ବାବଦରେ 120 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଓଡିଶା ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରକଳ୍ପ ପାଇଁ ବାହ୍ୟ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଅଧୀନରେ 62 କୋଟି 59 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଭେଷଜ ମହାବିଦ୍ୟାଳୟ, ଶିଶୁ ଭବନ, ଜିଲ୍ଲା ମୁଖ୍ୟ ଦପ୍ତର ହାସପାତାଳକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ 6 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ବିଜୁ ସ୍ୱାସ୍ଥ୍ୟ ଶିବିର ଯୋଜନା ଅଧୀନରେ 3 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଭେଷଜ ମହାବିଦ୍ୟାଳୟ ଭିତ୍ତିଭୂମି ଉନ୍ନୟନ, କର୍ମଚାରୀଙ୍କ ଗୃହ ନିର୍ମାଣ, ଉପକେନ୍ଦ୍ର ଏବଂ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ପାଇଁ ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନକୁ ମିଶାଇ ରାଜ୍ୟ ଯୋଜନାରେ ମୋଟ୍ 95 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

7.2.2 **ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ବଜେଟ୍‌ରେ ଚଳିତ ବର୍ଷ ମୋଟ ବ୍ୟୟବରାଦ 5307 କୋଟି 44 ଲକ୍ଷ ଟଙ୍କା ଥିବାବେଳେ ଆଗାମୀ ବର୍ଷ ପାଇଁ ଏହାକୁ 6525 କୋଟି 40 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

- ରାଜ୍ୟ ଅଂଶ ବାବଦରେ ସର୍ବଶିକ୍ଷା ଅଭିଯାନ ପାଇଁ 505 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପୁନଶ୍ଚ ଏଥିପାଇଁ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ 204 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ସାଇକେଲ (Bicycle) ଯୋଗାଣପାଇଁ 45 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ପଠାଣି ସାମନ୍ତ ଗଣିତ ବିଜ୍ଞାନ ମେଧାବୃତ୍ତି ପାଇଁ 4 କୋଟି 50 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପାଇଁ ରାଜ୍ୟ ଅଂଶ ବାବଦରେ 150 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ବିଭିନ୍ନ ବେସରକାରୀ ବିଦ୍ୟାଳୟକୁ ଅନୁଦାନ ନିମନ୍ତେ 628 କୋଟି 40 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ନୂତନ ଭାବେ ଯୋଗ୍ୟ ବିବେଚିତ ବେସରକାରୀ ମଦ୍ରାସାମାନଙ୍କୁ ବ୍ଲକ ଅନୁଦାନ ନିମନ୍ତେ 2 କୋଟି 19 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅଧୀନରେ ରାଜ୍ୟ ଅଂଶ ବାବଦରେ ସୂଚନା ଓ ଯୋଗାଯୋଗ ବିଜ୍ଞାନ କାର୍ଯ୍ୟକ୍ରମ ପାଇଁ 12 କୋଟି 80 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ପଛୁଆ ଜିଲ୍ଲାରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ଅଂଶ ବାବଦରେ 42 କୋଟି 95 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଅଂଶ ବାବଦରେ 160 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

### 7.2.3 ଉଚ୍ଚ ଶିକ୍ଷା ବିଭାଗ

ଉଚ୍ଚ ଶିକ୍ଷା ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନାକୁ ମିଶାଇ 2012-13 ଆର୍ଥିକ ବର୍ଷ ପାଇଁ 1290 କୋଟି 28 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ ଯଥାକ୍ରମେ 9 କୋଟି 66 ଲକ୍ଷ ଏବଂ 96 କୋଟି 40 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ବନ୍ୟା ଓ ମରୁଡି ପ୍ରବଣ ଛାତ୍ରଛାତ୍ରୀମାନଙ୍କୁ ଦରମା ଓ ପରୀକ୍ଷା ଫିସ୍ ଛାଡ ପାଇଁ 1 କୋଟି 50 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- *ବୈଷୟିକ ଓ ଅନ୍ୟାନ୍ୟ ବୃତ୍ତି ପାଇଁ ଯଥାକ୍ରମେ 12 କୋଟି ଟଙ୍କା ଏବଂ 6 କୋଟି 03 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*

- *ବେସରକାରୀ ସାହାଯ୍ୟପ୍ରାପ୍ତ ମହାବିଦ୍ୟାଳୟଗୁଡିକୁ ଅନୁଦାନ ବାବଦରେ 737 କୋଟି 85 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*

- *ନିମ୍ନହାର ନାମଲେଖା ଅନୁପାତ (Low Gross Enrolment Ratio) ଜିଲ୍ଲାଗୁଡିକରେ ମହାବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ଅଂଶ ବାବଦରେ 18 କୋଟି 60 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*

## 7.2.4 ପଞ୍ଚାୟତିରାଜ ବିଭାଗ

*ପଞ୍ଚାୟତିରାଜ ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନା ପାଇଁ ଚଳିତ ବର୍ଷ 2181 କୋଟି 83 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଆଗାମୀ ବର୍ଷ ଏଥିପାଇଁ 2563 କୋଟି 83 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହା ଚଳିତ ବର୍ଷ ତୁଳନାରେ 17 ପ୍ରତିଶତ ଅଧିକ ଅଟେ ।*

- *ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ପଞ୍ଚାୟତ ସଂସ୍ଥା ଗୁଡିକୁ ଅନୁଦାନ ବାବଦରେ 643 କୋଟି 18 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ତୃତୀୟ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ପଞ୍ଚାୟତି ରାଜ ସଂସ୍ଥାକୁ 701 କୋଟି 92 ଲକ୍ଷ ଟଙ୍କାର ଆର୍ଥିକ ସହାୟତା ନିମନ୍ତେ ବ୍ୟୟବରାଦ କରାଯାଇଛି ।*

- *11 ଟି ଜିଲ୍ଲାରେ ଉନ୍ନୟନ କାର୍ଯ୍ୟ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଜରିଆରେ 165 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- ପଛୁଆ ଅଞ୍ଚଳର ଭିତ୍ତିଭୂମି ଉନ୍ନୟନ ପାଣ୍ଠି (BRGF) ଅଧୀନରେ 19 ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ 339 କୋଟି 95 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକମାନଙ୍କୁ ଘର ଯୋଗାଇଦେବା ପାଇଁ ଇନ୍ଦିରା ଆବାସ ଯୋଜନାରେ ରାଜ୍ୟ ଅଂଶ ବାବଦକୁ 150 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ "ମୋ କୁଡିଆ" ଯୋଜନା ପାଇଁ 60 କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଆଗାମୀ ବର୍ଷ ପାଇଁ ଏଥିପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବିଶ୍ୱ ବ୍ୟାଙ୍କ ସହାୟତାରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ଓ ଭିତ୍ତିଭୂମି ନିର୍ମାଣ ଯୋଜନା (TRIPTI) ପାଇଁ 100 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ ଗ୍ରାମ୍ୟ ନିଯୁକ୍ତି ଯୋଜନା (MGNREGS) ର ରାଜ୍ୟ ଅଂଶ ବାବଦରେ 160 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତା ନିର୍ମାଣ ନିମନ୍ତେ 60 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଗ୍ରାମ ପଞ୍ଚାୟତ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ 113 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- "ଆମ୍ ଆଦ୍‌ମୀ ବୀମା ଯୋଜନା" ମାଧ୍ୟମରେ ଭୂମିହୀନ କୃଷି ଶ୍ରମିକଙ୍କର ଜୀବନ ବୀମାପାଇଁ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### 7.2.5 ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଚଳିତ ବର୍ଷ ଏହି ବିଭାଗ ପାଇଁ 1286 କୋଟି 33 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଆଗାମୀ ବର୍ଷ ପାଇଁ ଏହି ବ୍ୟୟବରାଦ ପରିମାଣ 1605 କୋଟି 71 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା 24 ପ୍ରତିଶତ ଅଧିକ ଅଟେ ।

- ଅଣଯୋଜନା କ୍ଷେତ୍ରରେ ପ୍ରାକ ମାଟ୍ରିକ୍ ବୃତ୍ତି ପ୍ରଦାନ ପାଇଁ 294 କୋଟି 79 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- 2012-13 ଆର୍ଥିକ ବର୍ଷରେ ଅନୁସୂଚିତ ଜନଜାତି ଓ ଜାତି ଛାତ୍ରଛାତ୍ରୀଙ୍କ ନିମନ୍ତେ 1466 ଛାତ୍ରାବାସ/ଛାତ୍ରୀନିବାସ ନିର୍ମାଣ ପାଇଁ 226 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଉନ୍ନୟନ ଏବଂ କର୍ମଚାରୀଙ୍କର ଆବାସିକ ଗୃହ ନିର୍ମାଣ ପାଇଁ ରାଜ୍ୟ ଯୋଜନା କ୍ଷେତ୍ରରେ 150 କୋଟି 04 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- କେ.ବି.କେ. ଜିଲ୍ଲାରେ ସ୍ୱତନ୍ତ୍ର ଯୋଜନା ପାଇଁ 28 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଅନୁସୂଚିତ ଜନଜାତି ଅଞ୍ଚଳ ଉପଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ନିମନ୍ତେ 160 କୋଟି 95 ଲକ୍ଷ ଟଙ୍କାର ବ୍ୟୟ ବରାଦ

କରାଯାଇଛି । ଏହା ବିଭିନ୍ନ ରୋଜଗାର ବୃଦ୍ଧି ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ଲୋକଙ୍କର ଆୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ ।

- ଅଣ ଯୋଜନା କ୍ଷେତ୍ରରେ ଆବାସିକ ଓ ଅଣ ଆବାସିକ ଗୃହର ରକ୍ଷଣାବେକ୍ଷଣ ଓ ମରାମତି ତଥା ସ୍ୱତନ୍ତ୍ର ମରାମତି ଇତ୍ୟାଦି ପାଇଁ 43 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରୁ 7 କୋଟି 50 ଲକ୍ଷ ଟଙ୍କା କର୍ମଚାରୀଙ୍କ ଆବାସିକ ଗୃହର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅବଶିଷ୍ଟ 36 କୋଟି ଟଙ୍କା ବିଦ୍ୟାଳୟ ଓ ଛାତ୍ରାବାସ / ଛାତ୍ରୀ ନିବାସର ରକ୍ଷଣାବେକ୍ଷଣ / ସ୍ୱତନ୍ତ୍ର ମରାମତି / ପୁନରୁଦ୍ଧାର ପାଇଁ ଉଦ୍ଦିଷ୍ଟ ଅଟେ ।

### 7.2.6 **ମହିଳା ଓ ଶିଶୁ କଲ୍ୟାଣ ବିଭାଗ**

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 2723 କୋଟି 69 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଏବଂ ବିଧବା ମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ପାଇଁ 918 କୋଟି 19 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ମମତା ଯୋଜନା-ଏଥିପାଇଁ ରାଜ୍ୟ ଯୋଜନାରେ 275 କୋଟି 70 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- ସମନ୍ୱିତ ଶିଶୁ ବିକାଶ ଯୋଜନା (Integrated Child Development Scheme) ପାଇଁ 540 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଜାତୀୟ ପରିବାର ହିତସାଧନ ଯୋଜନା (National Family Benefit Scheme) ପାଇଁ ରାଜ୍ୟ ଯୋଜନାରେ 30 କୋଟି 20 ଲକ୍ଷ ଟଙ୍କାର

ବ୍ୟୟ ବରାଦ କରାଯାଇଛି । ଏହି ଯୋଜନା ଅଧୀନରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ରୋଜଗାର କ୍ଷମ ପ୍ରମୁଖ ବ୍ୟକ୍ତିଙ୍କ ମୃତ୍ୟୁରେ 10,000 ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ ।

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା (Seed Money Support to Women Self Helf Group) ଅଧୀନରେ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ 48 କୋଟି 48 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଚଳିତ ବର୍ଷ ବ୍ୟୟ ବରାଦ ତୁଳନାରେ ଏହା 25 ପ୍ରତିଶତ ଅଧିକ ଅଟେ ।

### 7.2.7 ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ

- ଏହି ବିଭାଗ ବଜେଟ୍‌ରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 68 କୋଟି 84 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମାଯୋଜନା (RSBY) ର ରାଜ୍ୟ ଅଂଶ ପାଇଁ 20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 7.2.8 ନିଯୁକ୍ତି ଏବଂ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ

ରାଜ୍ୟରେ ଆତ୍ମନିଯୁକ୍ତି ଓ ବୈଷୟିକ ଶିକ୍ଷାର ଅଭିବୃଦ୍ଧି ପାଇଁ ନବ ଗଠିତ ନିଯୁକ୍ତି ଏବଂ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗରେ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଯଥାକ୍ରମେ 97 କୋଟି 13 ଲକ୍ଷ ଟଙ୍କା ଏବଂ 84 କୋଟି 33 ଲକ୍ଷ ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି ।

- ଦକ୍ଷତା ବୃଦ୍ଧି (Skill Development):
- ମୁଁ ପୂର୍ବରୁ ଉଲ୍ଲେଖ କରିଛି ଯେ ନିଯୁକ୍ତି ନିରାପତ୍ତାର ସୁଦୃଢ଼ୀକରଣ ଆମ ସରକାରଙ୍କର ଏକ ଅଗ୍ରାଧୀକାର କ୍ଷେତ୍ର ଅଟେ । ଦ୍ରୁତ

ଅର୍ଥନୈତିକ ଅଭିବୃଦ୍ଧି ପରିପ୍ରେକ୍ଷୀରେ ସମଗ୍ର ଦେଶରେ ବହୁଳ ଭାବରେ କୁଶଳୀ ମାନବ ସମ୍ବଳର ଅଭାବ ପରିଲକ୍ଷିତ ହେଉଛି । ଏହା ଆମ ଯୁବକମାନଙ୍କୁ ବଜାର ଭିତ୍ତିକ ଦକ୍ଷତା (Marketable Skilled Sets) ପ୍ରଦାନ ନିମନ୍ତେ ଏକ ବିରଳ ସୁଯୋଗ ସୃଷ୍ଟି କରିଛି । ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପ ଏବଂ ସେବା କ୍ଷେତ୍ର ପାଇଁ ଆମ ଯୁବକ ମାନଙ୍କୁ ବହୁବୃତ୍ତି ବିଦ୍ୟାଳୟ ଓ ଶିଳ୍ପ ତାଲିମ କେନ୍ଦ୍ର (Polytechnics & ITIs) ଗୁଡିକରେ ବୃତ୍ତି ଉପଯୋଗୀ ପ୍ରଶିକ୍ଷଣ ଦେବାକୁ ହେବ । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ଦକ୍ଷତା ବୃଦ୍ଧିକରି ଏକ ନିଯୁତ ଯୁବକ/ ଯୁବତୀମାନଙ୍କୁ ନିଯୁକ୍ତି ଦେବା ଆମ ସରକାରର ଲକ୍ଷ୍ୟ ଅଟେ । ସୁତରାଂ ନିଯୁକ୍ତି ମିଶନ ପାଇଁ 50 କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି । ଏହି ବିଭାଗ ମଧ୍ୟ ଦକ୍ଷତା ବୃଦ୍ଧି ପାଇଁ ଚାଲୁରହିଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଜାତୀୟ ଦକ୍ଷତା ବୃଦ୍ଧି ନିଗମରୁ ପାଣ୍ଠି ସଂଗ୍ରହ କରିବ ।

- ରାଜ୍ୟ ଯୋଜନାରେ ସମ୍ବଲପୁର ଓ ବଲାଙ୍ଗୀର ଠାରେ Xavier's Institute of Mangement (XIMB) ପ୍ରତିଷ୍ଠାପାଇଁ 4 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ଦ୍ୱାରା ପରିଚାଳନାଗତ ଶିକ୍ଷା କ୍ଷେତ୍ରରେ ଆମ ରାଜ୍ୟର ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ମାନର ଶିକ୍ଷା ପ୍ରଦାନ କରାଯାଇପାରିବ ।

- ଯାନ୍ତ୍ରିକ ବିଦ୍ୟାଳୟ ଏବଂ ବହୁବୃତ୍ତି ବିଦ୍ୟାଳୟ (Engineering Schools and Polytechnics) ମାନଙ୍କର ଭିତ୍ତିଭୂମି ଉନ୍ନୟନ ଏବଂ ଯନ୍ତ୍ରପାତି ଓ ସରଞ୍ଜାମ କ୍ରୟ ନିମନ୍ତେ 10 କୋଟି 40 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଶିଳ୍ପ ସମ୍ବନ୍ଧୀୟ ପ୍ରଶିକ୍ଷଣ ଅନୁଷ୍ଠାନ (Industrial Training Institute) ଜରିଆରେ 5ଟି ନକ୍ସଲ ପ୍ରବଣ ଜିଲ୍ଲାରେ ଯୁବକ ଯୁବତୀ ମାନଙ୍କ

ମଧ୍ୟରେ ଦକ୍ଷତା ବୃଦ୍ଧି ପାଇଁ 4 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ଏଥିପାଇଁ 5000 ଶିକ୍ଷାନବୀସ (1000 ଜଣଙ୍କୁ ଦୀର୍ଘ ସମୟ ଭିତ୍ତିରେ ଏବଂ 4000 ଜଣଙ୍କୁ ସ୍ୱଳ୍ପ ସମୟ ଭିତ୍ତିରେ) ଙ୍କୁ ପ୍ରଶିକ୍ଷଣ ଦେବାର ପ୍ରସ୍ତାବ ରହିଛି ।

- ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ ମହାବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଉନ୍ନୟନ ପାଇଁ 14 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ସାରଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ପ୍ରତିଷ୍ଠାନ, ବ୍ରହ୍ମପୁର ଓ ଭବାନୀପାଟଣା ସ୍ଥିତ ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟ ଇତ୍ୟାଦିର ଭିତ୍ତିଭୂମି ଓ ପୂର୍ତ୍ତକାର୍ଯ୍ୟ ପାଇଁ 12 କୋଟି 56 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 7.3 ଅର୍ଥନୈତିକ ସେବା

### 7.3.1 ଶିଳ୍ପ ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ ଯଥାକ୍ରମେ 9 କୋଟି 93 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ବାଲେଶ୍ୱର ଠାରେ ପ୍ଲାଷ୍ଟିକ, ପଲିମର ଏବଂ ଆନୁସଙ୍ଗିକ ଶିଳ୍ପ ଗୁଚ୍ଛର ବିକାଶ ପାଇଁ ଶିଳ୍ପ ଭିତ୍ତିଭୂମି ଉନ୍ନତିକରଣ ଯୋଜନା (Industrial Infrastructure Upgradation Scheme) ଅଧୀନରେ 1 କୋଟି 13 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ ସ୍ୱତନ୍ତ୍ର ଶିଳ୍ପ ଅଭିବୃଦ୍ଧି ସହାୟତା (SIPA) ପାଇଁ ବିକ୍ରିକର ଫେରସ୍ତ ବାବଦରେ 2 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ବୃହତ ଶିଳ୍ପ କ୍ଷେତ୍ରରେ ମୂଲ୍ୟଯୁକ୍ତ କର ଫେରସ୍ତ (VAT Reimbursement) ନିମନ୍ତେ 3 କୋଟି 25 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 7.3.2 ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ

ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ନିବେଶ ପାଇଁ ନୂତନ ଭାବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସୃଷ୍ଟି ହୋଇଛି । ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 52 କୋଟି 50 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

### 7.3.3 ବୟନ ଶିଳ୍ପ ଏବଂ ହସ୍ତତନ୍ତ ବିଭାଗ

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ ଯଥାକ୍ରମେ 77 କୋଟି 06 ଲକ୍ଷ ଏବଂ 41 କୋଟି 08 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ହସ୍ତତନ୍ତ କ୍ଷେତ୍ରର ପୁନରୁଦ୍ଧାର, ସଂସ୍କାର ଏବଂ ପୁନର୍ବିନ୍ୟାସ ପାଇଁ 30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ରାଜ୍ୟ ଯୋଜନାରେ ହସ୍ତତନ୍ତ ଶିଳ୍ପ ଏବଂ ରେଶମ ଶିଳ୍ପ ପାଇଁ ଯଥାକ୍ରମେ 12 କୋଟି 60 ଲକ୍ଷ ଟଙ୍କା ଏବଂ 7 କୋଟି 45 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଏତଦ୍‌ବ୍ୟତୀତ ସମନ୍ୱିତ ହସ୍ତତନ୍ତ ଯୋଜନା ପାଇଁ 2012-13 ଆର୍ଥିକ ବର୍ଷ ବଜେଟରେ 5 କୋଟି 30 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ହସ୍ତଶିଳ୍ପର ଉନ୍ନତି ପାଇଁ ରାଜ୍ୟ ଯୋଜନାରେ 2 କୋଟି 74 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

### 7.3.4 ବିଜ୍ଞାନ ଓ କାରିଗରୀ ବିଭାଗ

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ବିଜ୍ଞାନ ଓ କାରିଗରୀ ବିଭାଗରେ ମୋଟ 43 କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଜନସାଧାରଣଙ୍କ ମଧ୍ୟରେ ଗଣିତ ଜ୍ୟୋତିଷ, ଗ୍ରହ ନକ୍ଷତ୍ର ସମ୍ବନ୍ଧୀୟ ପଦାର୍ଥ ବିଜ୍ଞାନ ଏବଂ ମହାକାଶ ବିଜ୍ଞାନରେ ସଚେତନତା ସୃଷ୍ଟି ପାଇଁ ସମ୍ବଲପୁର ଠାରେ ଏକ ନୂତନ ପ୍ଲାନେଟାରୀୟମ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଛି ଏବଂ ଏଥିପାଇଁ ବଜେଟରେ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଶ୍ୱ ବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାଗାର ପ୍ରତିଷ୍ଠା ପାଇଁ 3 କୋଟି 5 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ଦ୍ୱାରା ଗବେଷକ ଏବଂ ଛାତ୍ରଛାତ୍ରୀ ମାନେ ଉପକୃତ ହୋଇପାରିବେ ।
- ଓରେଡା ପାଇଁ ଏକ ସବୁଜ ସୌଧ (Green Building) ନିର୍ମାଣ ନିମନ୍ତେ 3 କୋଟି 40 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

### 7.3.5 ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପାଇଁ 122 କୋଟି 63 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଜାତୀୟ ଇ-ଗଭର୍ଣ୍ଣାସ କାର୍ଯ୍ୟକ୍ରମ ପାଇଁ 20 କୋଟି 60 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଭୁବନେଶ୍ୱର ଠାରେ IIIT ର ଭିତ୍ତିଭୂମି ଉନ୍ନୟନ ପାଇଁ 12 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିମଧ୍ୟରେ ପ୍ରଶିକ୍ଷଣ କେନ୍ଦ୍ର, ଅତିଥିଶାଳା, ଗବେଷଣାଗାର ଏବଂ କର୍ମଚାରୀଙ୍କ ଗୃହ ନିର୍ମାଣ ଅନ୍ତର୍ଭୁକ୍ତ ।
- ଇଉ.ଆଇ.ଡି ପ୍ରଦାନ ପାଇଁ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ 35 କୋଟି 70 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**7.3.6 ଯୋଜନା ଓ ସମନ୍ୱୟ ବିଭାଗ**

ଯୋଜନା ଓ ସମନ୍ୱୟ ବିଭାଗରେ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ମୋଟ 1328 କୋଟି 32 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ 80 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଅତି ଅନୁନ୍ନତ ଅଞ୍ଚଳ ତଥା କେ.ବି.କେର ଉନ୍ନତି ପାଇଁ ବିଜୁ କୃଷକ ଯୋଜନା ନିମନ୍ତେ 120 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ବିଜୁ କନ୍ଧମାଳ ଓ ଗଜପତି ଯୋଜନା ନିମନ୍ତେ 28 କୋଟି 50 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଆଦିବାସୀ ଓ ପଛୁଆ ଜିଲ୍ଲାରେ ସମନ୍ୱିତ କାର୍ଯ୍ୟ ଯୋଜନା (Integrated Action Plan) ପ୍ରଣୟନ ପାଇଁ 540 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ 153 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- *ପଞ୍ଚାୟତ ସ୍ତରରେ ଚାରା ଉତ୍ପାଦନ (Crop Husbandry) ନିମନ୍ତେ 10 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।*

### 7.3.6 ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ବିଭାଗ

*ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 1192 କୋଟି 58 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*

- *ଖାଦ୍ୟ ନିରାପତ୍ତାକୁ ଦୃଢୀଭୂତ କରିବା ଲକ୍ଷ୍ୟରେ ହିତାଧୀକାରୀଙ୍କ ନିକଟରେ ପଡି ଯୋଗାଣ ପାଇଁ ଏକ ନୂତନ ଯୋଜନା 2012-13 ଆର୍ଥିକ ବର୍ଷରୁ ପ୍ରଚଳନ ହୋଇଛି । ଏହି ଉଦ୍ୟମ ସାଧାରଣ ବଣ୍ଟନ ବ୍ୟବସ୍ଥା କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଏ । ଏଥିପାଇଁ କିଲୋ ପିଚ୍ଛା 2 ଟଙ୍କା ହାରରେ ଗରିବ ଏବଂ ନିଷ୍ପେଷିତ ପରିବାରଙ୍କୁ ଚାଉଳ ଯୋଗାଇ ଦେବା ନିମନ୍ତେ ବ୍ୟୟ ବରାଦ 1140 କୋଟି 57 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିମଧ୍ୟରେ କନ୍ଧମାଳ ଦଙ୍ଗା ଦ୍ୱାରା କ୍ଷତିଗ୍ରସ୍ତ ପରିବାର ଏବଂ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ / ଛାତ୍ରୀ ନିବାସର ଅନ୍ତେବାସୀ / ଅନ୍ତେବାସିନୀ ଏବଂ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ଏହି ରିହାତି ହାରରେ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା ଅଛି ।*

- *ପଡିକାର୍ଡ ଫଟୋ ଉଠା କାର୍ଯ୍ୟକ୍ରମ ପାଇଁ 9 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ଜାଲ କାର୍ଡକୁ ରୋକାଯାଇପାରିବ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁବିଧା ପ୍ରକୃତ ହିତାଧିକାରୀ ମାନଙ୍କୁ ମିଳିପାରିବ ।*

- *ଅନ୍ନପୂର୍ଣ୍ଣା ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଓଡିଶା ରାଜ୍ୟ ଯୋଗାଣ ନିଗମକୁ ସବ୍‌ସିଡି ବାବଦରେ 5 କୋଟି 20 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*

**7.3.9. ପରିବହନ ବିଭାଗ**

*ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ ମୋଟ 53 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।*

- *10ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କୋଠା ନିର୍ମାଣ ଓ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଆଧୁନିକୀକରଣ ପାଇଁ 10 କୋଟି 22 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*
- *ବେକାର ଯୁବକ ମାନଙ୍କର ଆତ୍ମ ନିଯୁକ୍ତି ପାଇଁ ବ୍ରହ୍ମପୁର, ବଡବିଲ୍, ଭୁବନେଶ୍ୱର, କେନ୍ଦୁଝର ଓ ଅନୁଗୁଳ ଠାରେ ଡ୍ରାଇଭିଂ ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ପାଇଁ 5 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।*
- *ଓଡିଶା ରାଜ୍ୟ ସଡକ ପରିବହନ ନିଗମ (OSRTC) କୁ ନୂଆ ବସ୍ କିଣିବା ଉଦ୍ଦେଶ୍ୟରେ Margin Money ବାବଦକୁ ବଜେଟ୍ ରେ 5 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।*

**7.4. ଭିତ୍ତିଭୂମି ଉନ୍ନୟନ**

*7.4.1* **ପୂର୍ତ୍ତ ବିଭାଗ**

*ପୂର୍ତ୍ତ ବିଭାଗ ପାଇଁ ରାଜ୍ୟ ଯୋଜନା କ୍ଷେତ୍ରରେ 1063 କୋଟି 86 ଲକ୍ଷ ଟଙ୍କା ସମେତ ମୋଟ 2258 କୋଟି 55 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- ରାଜ୍ୟ ଯୋଜନା କ୍ଷେତ୍ରରେ ଭିତ୍ତିଭୂମି ଉନ୍ନୟନ ପାଣ୍ଠି, ଅତିରିକ୍ତ କେନ୍ଦ୍ରୀୟ ସହାୟତା ଓ ବହିଃ ସାହାଯ୍ୟ ପ୍ରକଳ୍ପ ଅନ୍ତର୍ଗତ 660 କି.ମି. ରାସ୍ତାର ଉନ୍ନତି ଓ 16ଟି ସେତୁ ନିର୍ମାଣ ପାଇଁ 2012-13 ଆର୍ଥିକ ବର୍ଷ ବଜେଟ୍‌ରେ 1048 କୋଟି 48 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ ଅସଂପୂର୍ଣ୍ଣ କୋଠାବାଡିକୁ ସଂପୂର୍ଣ୍ଣ କରିବା ପାଇଁ 15 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ସେହିପରି ଅଣ ଯୋଜନା କ୍ଷେତ୍ରରେ ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ 657 କୋଟି 65 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅଣ ଯୋଜନା କ୍ଷେତ୍ରରେ 30 ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ବିଦ୍ୟାଳୟ ଓ ମହାବିଦ୍ୟାଳୟ କୋଠାଗୁଡିକର ମରାମତି ଓ ନବୀକରଣ ପାଇଁ 24 କୋଟି ଟଙ୍କାର ବ୍ୟୟ ବରାଦ ସମେତ ମୋଟ 241 କୋଟି 14 ଲକ୍ଷ ଟଙ୍କା ଅଣ ଆବାସିକ ଗୃହର ରକ୍ଷଣାବେକ୍ଷଣ ପାଇଁ ରଖାଯାଇଛି ।

- ଅଣ ଯୋଜନା କ୍ଷେତ୍ରରେ ଆବାସିକ ଗୃହର ରକ୍ଷଣାବେକ୍ଷଣ ପାଇଁ 122 କୋଟି 73 ଲକ୍ଷ ଟଙ୍କାର ବ୍ୟୟ ବରାଦ  କରାଯାଇଛି ।

7.4.2 **ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ**

- ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ ରାଜ୍ୟ ଯୋଜନା କ୍ଷେତ୍ରରେ 673 କୋଟି 15 ଲକ୍ଷ ଟଙ୍କାର ବ୍ୟୟ ବରାଦ ସମେତ ମୋଟ 1574 କୋଟି 67 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଜଳ ଯୋଗାଣ ଓ ପରିମଳ କାର୍ଯ୍ୟର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବଜେଟ୍‌ରେ 269 କୋଟି 17 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ନଗରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାଗୁଡିକୁ ଅନୁଦାନ ବାବଦରେ 135 କୋଟି 98 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ତୃତୀୟ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ନଗରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାଗୁଡିକୁ ଆର୍ଥିକ ସହାୟତା ବାବଦରେ 423 କୋଟି 82 ଲକ୍ଷ ଟଙ୍କାର ପ୍ରସ୍ତାବ ରଖାଯାଇଛି ।

- ରାଜ୍ୟ ଅଣ ଯୋଜନା କ୍ଷେତ୍ରରେ ନଗରାଞ୍ଚଳ ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ 48 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ରାଜ୍ୟ ଯୋଜନା କ୍ଷେତ୍ରରେ ନଗରାଞ୍ଚଳ ରାସ୍ତାର ଉନ୍ନତି ପାଇଁ 60 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଜବାହାରଲାଲ ନେହେରୁ ନଗରାଞ୍ଚଳ ନବୀକରଣ ଯୋଜନା ଅନ୍ତର୍ଗତ ନଗରାଞ୍ଚଳ ଭିତ୍ତିଭୂମି ଗଭର୍ଣ୍ଣାନ୍‌ସ, BSUP, UIDSSMT ଏବଂ RAY ପ୍ରକଳ୍ପ ପାଇଁ ମୋଟ 2296 କୋଟି 37 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଓଡିଶା ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ସୃଷ୍ଟି ପାଇଁ 21 କୋଟି ଟଙ୍କା ଏବଂ ବହିଃ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଅଧୀନରେ ପରିମଳ ବ୍ୟବସ୍ଥା ପାଇଁ 75 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- *ନଗରାଞ୍ଚଳ ଜଳ ଯୋଗାଣ ପ୍ରକଳ୍ପ ପାଇଁ 120 କୋଟି ଟଙ୍କା ଏବଂ ନଗରାଞ୍ଚଳ ଆବର୍ଜନା ନିର୍ଗମ (Sewerage) ବ୍ୟବସ୍ଥା ପାଇଁ 40 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

*7.4.3.* **ଗ୍ରାମ୍ୟ ଉନ୍ନୟନ ବିଭାଗ**

*2012-13 ଆର୍ଥିକ ବର୍ଷ ନିମନ୍ତେ 860 କୋଟି ଟଙ୍କାର ରାଜ୍ୟ ଯୋଜନାକୁ ମିଶାଇ ଏହି ବିଭାଗ ପାଇଁ ସମୁଦାୟ 1720 କୋଟି 54 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ଚଳିତ ବର୍ଷ "ବିଜୁ ସେତୁ ଯୋଜନା" ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି । ଆଗାମୀ 4 ବର୍ଷ ମଧ୍ୟରେ ରାସ୍ତାର ଉନ୍ନତି ପାଇଁ 400 ଟି ସେତୁ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 2012-13 ଆର୍ଥିକ ବର୍ଷରେ 100 ଟି ସେତୁ ନିର୍ମାଣ ପାଇଁ 140 କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।*

- *ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଗ୍ରାମ୍ୟ ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ 70 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ରାସ୍ତା ଓ ସେତୁ ପାଇଁ 195 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ଅର୍ଥନୈତିକ ତଥା ପର୍ଯ୍ୟଟନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବିବେଚିତ ମୁଖ୍ୟ ଗ୍ରାମ୍ୟ ରାସ୍ତା ଗୁଡିକର ଉନ୍ନତି ପାଇଁ 50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ଗ୍ରାମ୍ୟ ରାସ୍ତାର ଉନ୍ନତି ପାଇଁ ବ୍ୟୟ ବରାଦ 10 କୋଟି ଟଙ୍କାରୁ 80 କୋଟି ଟଙ୍କାକୁ ବୃଦ୍ଧି ହୋଇଛି ।*

- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ 61 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- 30 ବର୍ଷରୁ ଊର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟ ଗୁଡ଼ିକର ମରାମତି ଓ ନବୀକରଣ ପାଇଁ 25 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ଯୋଜନା ପାଇଁ ରାଜ୍ୟ ଅଂଶ ବାବଦରେ 195 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯାହା ଦ୍ୱାରା 1000 ଟି ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ସହିତ 15000 ଟି ନଳକୂପ ସୃଷ୍ଟି କରାଯିବ ।
- କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଗ୍ରାମ୍ୟ ପରିମଳ ପାଇଁ ରାଜ୍ୟ ଅଂଶ ବାବଦରେ 25 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

7.4.4 **ଶକ୍ତି ବିଭାଗ**

ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ମୋଟ 542 କୋଟି 26 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଜନବସତି ଗୁଡ଼ିକୁ ବିଜୁଳି ଶକ୍ତି ଯୋଗାଇ ଦେବା ଏବଂ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନତି ପାଇଁ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ଅଧୀନରେ 150 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଯୋଜନା ଅଧୀନରେ ନଗରାଞ୍ଚଳରେ ବିଜୁଳି ଶକ୍ତି ଯୋଗାଇ ଦେବା ଉଦ୍ଦେଶ୍ୟରେ 20 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- କେ.ବି.କେ ଓ ଅନ୍ୟାନ୍ୟ ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଓ.ପି.ଟି.ସି.ଏଲ୍. କୁ ରାଜ୍ୟ ସରକାରଙ୍କ ଅଂଶଧନ ବାବଦରେ

*ଆଗାମୀ 5 ବର୍ଷ ମଧ୍ୟରେ 300 କୋଟି ଟଙ୍କା ଦେବାର ପ୍ରସ୍ତାବ ଅଛି । ଏଥି ପାଇଁ ଆଗାମୀ ବର୍ଷ ବଜେଟ୍‌ରେ 50 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।*

- *ବିଭିନ୍ନ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ 10 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଆଗାମୀ ବର୍ଷପାଇଁ ଏହାକୁ 15 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।*

- *କ୍ୟାପେକ୍ସର କାର୍ଯ୍ୟାନ୍ୱୟନ ପାଇଁ 2012-13 ଆର୍ଥିକ ବର୍ଷ ବଜେଟ୍‌ରେ 251 କୋଟି 25 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।*

- *ଏତଦ୍‌ବ୍ୟତୀତ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ 3 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।*

## *7.5* ସାଧାରଣ ସେବା

### *7.5.1* ସ୍ୱରାଷ୍ଟ୍ର ବିଭାଗ

- *2012-13 ଆର୍ଥିକ ବର୍ଷରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ସ୍ୱରାଷ୍ଟ୍ର ବିଭାଗ ପାଇଁ 2343 କୋଟି 33 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହା ଚଳିତ ବର୍ଷର ବଜେଟ୍ ବ୍ୟବସ୍ଥା ଠାରୁ 2004 କୋଟି 56 ଲକ୍ଷ ଟଙ୍କା ଅଧିକ ଅଟେ ।*

- *ପୋଲିସ୍ ଥାନା, ବ୍ୟାରାକ୍ ଏବଂ ଆବାସିକ ଗୃହ ନିର୍ମାଣ ପାଇଁ ରାଜ୍ୟ ଯୋଜନାରେ 77 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- ଅର୍ଥ କମିଶନଙ୍କ ଅନୁଦାନ ଅଧୀନରେ 3 ଟି ପୋଲିସ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ପାଇଁ 17 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଅଣଯୋଜନା କ୍ଷେତ୍ରରେ ନିରାପତ୍ତା ଜନିତ ଖର୍ଚ୍ଚ ଏବଂ ପୋଲିସ୍ ବାହିନୀର ଆଧୁନିକୀକରଣ (Modernisation of Police Force Scheme) ପାଇଁ ଯଥାକ୍ରମେ 115 କୋଟି 57 ଲକ୍ଷ ଏବଂ 22 କୋଟି 89 ଲକ୍ଷ ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ଅଛି ।

- ଥାନାଗୁଡିକ ପାଇଁ ଆଧୁନିକ ସରଞ୍ଜାମ କ୍ରୟ ନିମନ୍ତେ ଅଣଯୋଜନା କ୍ଷେତ୍ରରେ 7 କୋଟି 85 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ ଜେଲ ସଂସ୍ଥାର ସାମଗ୍ରିକ ଉନ୍ନତି ପାଇଁ 50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରେ ଜେଲ ନିର୍ମାଣ ଓ ଉନ୍ନତି କରଣ ଏବଂ ଆବାସିକ ଗୃହ ନିର୍ମାଣ ପାଇଁ 46 କୋଟି 73 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

- ଅଗ୍ନିଶମ ସେବା ସଂସ୍ଥାର ଉନ୍ନତି ପାଇଁ ରାଜ୍ୟ ଯୋଜନାରେ 57 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରେ 12 କୋଟି ଟଙ୍କା ଅଗ୍ନି ନିରୋଧକ ସାମଗ୍ରୀ କ୍ରୟ ଏବଂ 45 କୋଟି 50 ଲକ୍ଷ ଟଙ୍କା ଅଗ୍ନିଶମ ଥାନା ଓ ଆବାସିକ ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

- ରାଜ୍ୟ ଯୋଜନାରେ କୋର୍ଟ ଗୃହ ଓ ଆବାସିକ ଗୃହ ନିର୍ମାଣ ପାଇଁ 30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 7.5.2 ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

- *ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2012-13 ଆର୍ଥିକ ବର୍ଷ ପାଇଁ 1204 କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *କାର୍ଯ୍ୟାଳୟ ଗୃହ ଓ ଆବାସିକ ଗୃହ ନିର୍ମାଣ ନିମନ୍ତେ ଯଥାକ୍ରମେ 53 କୋଟି 50 ଲକ୍ଷ ଟଙ୍କା ଏବଂ 13 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ଜାତୀୟ ଭୂରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଅଂଶ ବାବଦରେ 5 କୋଟି 75 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ଏକ ଆଧୁନିକ, ବ୍ୟାପକ ଓ ସ୍ୱଚ୍ଛ ଭୂରେକର୍ଡ ପରିଚାଳନା ବ୍ୟବସ୍ଥାର ରୂପାୟନ ପାଇଁ ଉଦ୍ଦିଷ୍ଟ ।*

- *କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅନ୍ତର୍ଗତ ଜାତୀୟ ବାତ୍ୟା ବିପଦ ପ୍ରତିହତ ପ୍ରକଳ୍ପ (National Cyclone Risk Mitigation Project) ର ରାଜ୍ୟ ଅଂଶ ବାବଦରେ 5 କୋଟି 75 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *100 ଟି ବନ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ପାଇଁ 2012-13 ଆର୍ଥିକ ବର୍ଷରେ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

### 7.5.3 ସାଧାରଣ ପ୍ରଶାସନ ବିଭାଗ

*ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 214 କୋଟି 58 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- ରାଜ୍ୟ ଯୋଜନା କ୍ଷେତ୍ରରେ 2012-13 ଆର୍ଥିକ ବର୍ଷରେ ବିଭିନ୍ନ ବିମାନ ଅବତରଣ କେନ୍ଦ୍ରଗୁଡିକର ଉନ୍ନତିକରଣ ଏବଂ ମାଲାକାନାଗିରି ଠାରେ ଏକ ବିମାନ ଅବତରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ 6 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟ ରାଜଧାନୀ ପ୍ରକଳ୍ପ ଅଧୀନରେ ସାଧାରଣ ପ୍ରଶାସନ ବିଭାଗର ଗୃହ ନିର୍ମାଣ ନିମନ୍ତେ 13 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 7.5.4 ଆଇନ ବିଭାଗ

ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 193 କୋଟି 98 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କର ସୁପାରିଶ କ୍ରମେ ଲୋକ ଅଦାଲତ ଓ ଆଇନ ସହାୟତା ପାଇଁ 1 କୋଟି 99 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କର ସୁପାରିଶ କ୍ରମେ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର (Alternate Dispute Resolution Centre) ସ୍ଥାପନ ଏବଂ ମଧ୍ୟସ୍ଥି ଓ ଉପଦେଷ୍ଟାଙ୍କର ପ୍ରଶିକ୍ଷଣ ପାଇଁ 8 କୋଟି 15 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ସକାଳ/ସାନ୍ଧ୍ୟ କୋର୍ଟ ପରିଚାଳନା ପାଇଁ 16 କୋଟି 65 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 7.6 ଅନ୍ୟାନ୍ୟ କ୍ଷେତ୍ର

### 7.6.1 କ୍ରୀଡା ଓ ଯୁବ ସେବା ବିଭାଗ

*ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 55 କୋଟି 57 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *କଳିଙ୍ଗ ଷ୍ଟାଡିୟମର ନିୟମିତ ପରିଚାଳନା ଓ ରକ୍ଷଣା ବେକ୍ଷଣ ସମେତ ହକି କମ୍ପ୍ଲେକ୍ସ ନିର୍ମାଣ ପାଇଁ 4 କୋଟି 99 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*
- *ରାଉରକେଲାର ପାନପୋଷସ୍ଥିତ କ୍ରୀଡା ଛାତ୍ରାବାସ ଅନ୍ତେବାସୀଙ୍କର ପ୍ରଶିକ୍ଷଣ ଆବଶ୍ୟକତା ପୂରଣ ପାଇଁ ଦ୍ୱିତୀୟ Synthetic Hockey Turf ନିର୍ମାଣ ପାଇଁ 2012-13 ଆର୍ଥିକ ବର୍ଷରେ 6 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

### 7.6.2 ସଂସ୍କୃତି ବିଭାଗ

*ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 59 କୋଟି 17 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- *ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ବିଭିନ୍ନ ସ୍ମାରକୀ ଓ ବୌଦ୍ଧ କୀର୍ତ୍ତିରାଜି ଗୁଡିକର ସୁରକ୍ଷା ନିମନ୍ତେ 16 କୋଟି 25 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।*
- *ଭୁବନେଶ୍ୱର ସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରରେ ଏକ ସଂଗ୍ରହାଳୟ ନିର୍ମାଣ ନିମନ୍ତେ 1 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।*

- ଭୁବନେଶ୍ୱର ଠାରେ ଏକ ଆଧୁନିକ କଳା ଗ୍ୟାଲେରୀ ପ୍ରତିଷ୍ଠା ନିମନ୍ତେ 1 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଉତ୍କଳ ସଂଗୀତ ମହାବିଦ୍ୟାଳୟ ଏବଂ ବିଭୂତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟର ଛାତ୍ରାବାସ ଓ ଛାତ୍ରୀନିବାସ ନିମନ୍ତେ 2 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଦୁଃସ୍ଥ କଳାକାରଙ୍କର ପେନ୍‌ସନ୍ ପାଇଁ 3 କୋଟି 60 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 7.6.3 ପର୍ଯ୍ୟଟନ ବିଭାଗ

ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 65 କୋଟି 20 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପ ଯଥା ଧଉଳି ଠାରେ ଶାନ୍ତି ପ୍ରମୋଦ ଉଦ୍ୟାନ (Peace Park) ଏବଂ ଲିଙ୍ଗରାଜ ମନ୍ଦିରର ପାରିପାର୍ଶ୍ୱିକ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଘରୋଇ ଜମିକ୍ରୟ ନିମନ୍ତେ 9 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ସାଧାରଣ ମୌଳିକ ସୁବିଧା ଯୋଗାଇଦେବା ଏବଂ ଭିତ୍ତିଭୂମି ଉନ୍ନୟନ ପାଇଁ 13 କୋଟି 50 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଆନ୍ତର୍ଜାତିକ ସ୍ତରୀୟ ଉତ୍ସବ/ ପଥପ୍ରାନ୍ତ କାର୍ଯ୍ୟକ୍ରମ/ରାଜ୍ୟ ଓ ଜାତୀୟ ସ୍ତରୀୟ ମେଳାର ଆୟୋଜନ ତଥା ପ୍ରଚାର ଅଭିଯାନ ପାଇଁ 17 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ୪. ଉତ୍ତମ ଆର୍ଥିକ ପରିଚାଳନା ପାଇଁ ଆନୁଷ୍ଠାନିକ ସଂସ୍କାର

*୪.1 ମହାମହିମ ରାଜ୍ୟପାଳ ଏହି ଗୃହରେ ତାଙ୍କର ଅଭିଭାଷଣରେ 2012-13 ଆର୍ଥିକ ବର୍ଷ ପାଇଁ ଅନ୍‌ଲାଇନ ବଜେଟ୍ ସମେତ ଉତ୍ତମ ଆର୍ଥିକ ପରିଚାଳନା ଏବଂ ସରକାରୀ ଖର୍ଚ୍ଚର ଗୁଣବତ୍ତା ଉପରେ ଆଲୋକପାତ କରିଛନ୍ତି । ମୁଁ ବାଣିଜ୍ୟ କର ସଂସ୍ଥା ଦ୍ୱାରା ପ୍ରଚଳିତ କେତେକ ନାଗରିକ କୈନ୍ଦ୍ରିକ ଇ-ସେବା (Citizens centric e-Services) ସମ୍ପର୍କରେ ସୂଚନା ଦେବାକୁ ଯାଉଛି ।*

*୪.2 ବାଣିଜ୍ୟ ବ୍ୟବସାୟୀର ଅଭିବୃଦ୍ଧି ପାଇଁ ବାଣିଜ୍ୟ କର ସଂସ୍ଥାରେ ଇଣ୍ଟରନେଟ୍ ମାଧ୍ୟମରେ ଟିକସ ପୈଠ ଓ ରିଟର୍ଣ୍ଣ ଦାଖଲ କରାଯାଉଛି । ବ୍ୟବସାୟୀଙ୍କ ପଞ୍ଜିକରଣ ବ୍ୟବସ୍ଥା ମଧ୍ୟ ଇଣ୍ଟରନେଟ୍ ମାଧ୍ୟମରେ କରାଯିବାର ବ୍ୟବସ୍ଥା ହୋଇଛି । ବର୍ତ୍ତମାନ ପ୍ରାୟ 75 ପ୍ରତିଶତରୁ ଅଧିକ ବାଣିଜ୍ୟକର ଇଣ୍ଟରନେଟ୍ ମାଧ୍ୟମରେ ପୈଠ କରାଯାଉଛି । ଆମ ଟିକସ ପ୍ରଶାସନର ଦକ୍ଷତା ଓ ସ୍ୱଚ୍ଛତା ବୃଦ୍ଧି ପାଇଁ ନିକଟ ଭବିଷ୍ୟତରେ ଇଣ୍ଟରନେଟ୍ ମାଧ୍ୟମରେ ଅଧିକ ସୁବିଧା ଯୋଗାଇ ଦେବାର ପ୍ରସ୍ତାବ ରହିଛି ।*

**୪.3 କାର୍ଯ୍ୟକ୍ରମ ରୂପାୟନ ଏବଂ ପରିଣାମ ଅନୁଶୀଳନ କେନ୍ଦ୍ର ସ୍ଥାପନ (Establishment of Programme Delivery and Outcome Monitoring Unit) -** *2011-12 ଆର୍ଥିକ ବର୍ଷରୁ ଆମେ କେତେକ ପ୍ରମୁଖ ବ୍ୟୟ ବହୁଳ ବିଭାଗରେ ପରିଣାମଦର୍ଶୀ ବଜେଟ୍ (Outcome Budget) ପ୍ରଚଳନ କରିଛୁ । ତଥାପି ଏହି କାର୍ଯ୍ୟର ଅନୁଶୀଳନ ପାଇଁ ଏକ ଆନୁଷ୍ଠାନିକ ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇପାରିନାହିଁ । ବଜେଟ୍‌ରେ ବ୍ୟୟ ବରାଦ ତୁଳନାରେ କିପରି ଖର୍ଚ୍ଚ ହେଉଛି, ସେ କଥାକୁ ନିରପେକ୍ଷ ଭାବେ ଅନୁଧ୍ୟାନ କରିବାପାଇଁ ଅର୍ଥ ବିଭାଗରେ ଏକ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ ରୂପାୟନ ଏବଂ ପରିଣାମ ଅନୁଶୀଳନ କେନ୍ଦ୍ର ସ୍ଥାପନ ପାଇଁ ଆମେ ପ୍ରସ୍ତାବ ରଖିଛୁ । ଏହା ମାଧ୍ୟମରେ ବିଶେଷଜ୍ଞ ମାନଙ୍କ ଦ୍ୱାରା ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକର ସମବର୍ତ୍ତୀ ସମୀକ୍ଷା ଓ ନିରପେକ୍ଷ ଅନୁଶୀଳନ ତଥା ଫଳାଫଳ*

ମୂଲ୍ୟାୟନ ହୋଇପାରିବ । ଏଥିପାଇଁ 2012-13 ଆର୍ଥିକ ବର୍ଷ ବଜେଟ୍‌ରେ 5 କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି ।

8.4 ଆମେ ବ୍ୟାଖ୍ୟାତ୍ମକ ଜ୍ଞାପନ (Explanatory Memorandum)ରେ ସ୍ୱତନ୍ତ୍ରଭାବେ ପୁଞ୍ଜିସୃଷ୍ଟି ପାଇଁ ମୋଟ ସରକାରୀ ବିନିଯୋଗ ଉପରେ ଏକ ବିବରଣୀ ପ୍ରଦାନ କରିଆସୁଛୁ । ବର୍ତ୍ତମାନ ଏଥିରେ ଅନୁଦାନ, ସରକାରୀ ପ୍ରୋତ୍ସାହନ (Subsidies) ଏବଂ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗୁଡିକ ଉପରେ ଅଧିକ ତିନୋଟି ବିବରଣୀ ସ୍ଥାନ ପାଇବ । ଏହାଦ୍ୱାରା ବଜେଟ୍ ଅଧିକ ସ୍ୱଚ୍ଛ ହୋଇପାରିବ ।

## ୨. ସରକାରୀ ଘରୋଇ ଭାଗିଦାରୀ (ପିପିପି)

ବର୍ତ୍ତମାନ ସରକାରୀ ଭିତ୍ତିଭୂମି ବିକାଶରେ ବେସରକାରୀ କ୍ଷେତ୍ରର ପୁଞ୍ଜି ବିନିଯୋଗ, ପ୍ରକଳ୍ପ କାର୍ଯ୍ୟକାରିତା ତଥା ପୁଞ୍ଜି ସମ୍ପତ୍ତି ଓ ସେବା ଯୋଗାଣରେ ସେମାନଙ୍କର ଦକ୍ଷତାକୁ ଉପଯୋଗ କରିବା ଉଦ୍ଦେଶ୍ୟରେ ଘରୋଇ କ୍ଷେତ୍ର (Private Sector)ର ସହଯୋଗ ହାସଲ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଦ୍ୱାଦଶ ପଞ୍ଚ ବାର୍ଷିକ ଯୋଜନାରେ ସରକାରୀ-ଘରୋଇ ଭାଗିଦାରୀ (PPP) ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ପାଇଁ 5000 କୋଟି ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି । ଏହି ଉଦ୍ଦେଶ୍ୟରେ 10 କୋଟି ଟଙ୍କା ବ୍ୟୟ ବରାଦରେ ଏକ ପ୍ରକଳ୍ପ ଉନ୍ନୟନ ପାଣ୍ଠି ସୁବିଧା କେନ୍ଦ୍ର (Project Development Fund Facility Centre) ସ୍ଥାପନ ସହିତ 50 କୋଟି ଟଙ୍କା ବ୍ୟୟ ବରାଦରେ ଏକ କାର୍ଯ୍ୟକ୍ଷମ ବ୍ୟବଧାନ ପାଣ୍ଠି (Viability Gap Fund) ସ୍ଥାପନ ପାଇଁ ପ୍ରସ୍ତାବ ରହିଛି । ଆପଣମାନେ ଜାଣି ଖୁସି ହେବେ ଯେ ରାଜ୍ୟ ରାଜପଥ ଏବଂ ଜିଲ୍ଲାସ୍ତରୀୟ ପ୍ରମୁଖ ରାସ୍ତା ଗୁଡିକର ସରକାରୀ ଓ ଘରୋଇ ଭାଗିଦାରୀ ମାଧ୍ୟମରେ ଉନ୍ନତି ପାଇଁ 48 କୋଟି 14 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

10. **ବଜେଟ୍ ବନାମ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଲକ୍ଷ୍ୟ**
(Budget-vis-a-vis-FRBM targets) -

*10.1 ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ମତେ ରାଜ୍ୟ ସରକାର ବଜେଟ୍ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନରେ ସଂଶୋଧନ କରିଛନ୍ତି । ଏହି ସଂଶୋଧନ ଅନୁସାରେ 2012-13 ଆର୍ଥିକ ବର୍ଷରେ ରାଜ୍ୟ ସରକାର ରାଜସ୍ୱ ବଳକା ସୃଷ୍ଟି ପାଇଁ ପଦକ୍ଷେପ ନେବାସହ ଆର୍ଥିକ ନିଅଣ୍ଟକୁ ସାମଗ୍ରୀକ ଘରୋଇ ଉତ୍ପାଦକର (GSDP) 3 ପ୍ରତିଶତ ଭିତରେ ସୀମିତ ରଖିବା ସହ ଋଣ- ସାମଗ୍ରୀକ ଘରୋଇ ଉତ୍ପାଦକର ଅନୁପାତ 30.2 ପ୍ରତିଶତରେ ରଖିବାକୁ ଲକ୍ଷ୍ୟ ରଖାଯାଇଛି । 2012-13 ପାଇଁ ବଜେଟ୍ ଆକଳନରେ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନର ଉପରୋକ୍ତ 3ଟି ଯାକ ସୂଚକାଙ୍କ ପରିପୂରଣ କରାଯିବା ପାଇଁ ପ୍ରଚେଷ୍ଟା କରାଯାଇଛି ।*

*10.2 2012-13 ଆର୍ଥିକ ବର୍ଷରେ ମୋଟ ରାଜସ୍ୱ ଖର୍ଚ୍ଚ 41431 କୋଟି 97 ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ସୁତରାଂ ରାଜସ୍ୱ ଅବଶେଷ ହାସଲ ପରେ 2410 କୋଟି 77 ଲକ୍ଷ ଟଙ୍କା ରାଜସ୍ୱ ବଳକା ହେବ ବୋଲି 2012-13 ଆର୍ଥିକ ବର୍ଷ ବଜେଟ୍‌ରେ ଦର୍ଶାଯାଇଛି । ଏହା ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦକର (GSDP) 0.93 ପ୍ରତିଶତ ହେବ । ବିତ୍ତୀୟ ନିଅଣ୍ଟ 4751 କୋଟି 93 ଲକ୍ଷ ରେ ଆକଳିତ ହୋଇଛି, ଯାହା ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦକର 1.83 ପ୍ରତିଶତ ହେବ ।*

*10.3 2012-13 ଆର୍ଥିକ ବର୍ଷ ଶେଷରେ ରାଜ୍ୟର ଋଣ ଭାର 43054 କୋଟି 6 ଲକ୍ଷ ଟଙ୍କା ହେବ ବୋଲି ଦର୍ଶାଯାଇଛି; ଏହା ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦକ (GSDP) ର 16.55 ପ୍ରତିଶତ ହେବ ବୋଲି ଆକଳିତ କରାଯାଇଛି ।*

## 11. ଟିକସ ପ୍ରସ୍ତାବ

11.1 ମୁଁ ପୂର୍ବରୁ ସୂଚାଇଛି ଯେ ଆମ ରାଜ୍ୟରେ ଟିକସ/ ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦକର ଅନୁପାତ ବଢାଇବାର ଆବଶ୍ୟକତା ରହିଛି । ସୁତରାଂ ରାଜ୍ୟ ସରକାର ରାଜସ୍ୱ ବୃଦ୍ଧି ପାଇଁ ସମ୍ଭାବ୍ୟ ପଦକ୍ଷେପ ସଂକ୍ରାନ୍ତରେ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ । ଏହି କମିଟି ଇତିମଧ୍ୟରେ ତାଙ୍କର ରିପୋର୍ଟ ଦାଖଲ କରିସାରିଛନ୍ତି । କମିଟି ଦେଇଥିବା ସୁପାରିଶ ଗୁଡିକ ମଧ୍ୟରୁ ଗୋଟିଏ ପ୍ରମୁଖ ପରାମର୍ଶ ହେଉଛି ମୂଲ୍ୟଯୁକ୍ତ କରର ସର୍ବନିମ୍ନ ଟିକସ ହାର 4 ପ୍ରତିଶତରୁ 5 ପ୍ରତିଶତକୁ ବୃଦ୍ଧି । ରାଜ୍ୟ ଅର୍ଥମନ୍ତ୍ରୀ ମାନଙ୍କର କ୍ଷମତାସମ୍ପର୍ଣ୍ଣ କମିଟିରେ କେନ୍ଦ୍ର ସରକାରଙ୍କର ପରାମର୍ଶ କ୍ରମେ ମୂଲ୍ୟଯୁକ୍ତ କରର ସର୍ବନିମ୍ନ ହାର 4 ପ୍ରତିଶତରୁ 5 ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଏକ ଜାତୀୟ ସହମତି ପ୍ରକାଶ ପାଇଥିଲା ଏବଂ ଏହାକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ବିକ୍ରିକର ଜନିତ କ୍ଷତିପୂରଣ ସହିତ ସଂଯୁକ୍ତ କରାଯାଇଥିଲା । ଇତିମଧ୍ୟରେ ଭାରତ ସରକାର ଘୋଷିତ ଦ୍ରବ୍ୟ (Declared Goods) ଉପରେ ଟିକସ ହାର 4 ପ୍ରତିଶତରୁ 5 ପ୍ରତିଶତକୁ ବୃଦ୍ଧି କରିଛନ୍ତି । ସୂଚନା ଯୋଗ୍ୟ ଯେ ଅଧିକାଂଶ ରାଜ୍ୟ ବହୁ ପୂର୍ବରୁ ଏହି ଟିକସ ହାରକୁ 4 ପ୍ରତିଶତରୁ 5 ପ୍ରତିଶତକୁ ବୃଦ୍ଧି କରିସାରିଛନ୍ତି । ରାଜ୍ୟ ସରକାର ଏହା କାର୍ଯ୍ୟକାରୀ ନକରିବାରୁ ଗତ 2010-11 ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବିକ୍ରିକର କ୍ଷତିପୂରଣ ବାବଦରେ ରାଜ୍ୟକୁ ପ୍ରାୟ 260 କୋଟି ଟଙ୍କା ହରାଇବାକୁ ପଡିଲା । ଏସବୁ କଥା ବିଚାରକୁ ନେଇ ତା. 01.04.2012 ରିଖ ଠାରୁ ମୂଲ୍ୟଯୁକ୍ତ ଟିକସର ନିମ୍ନହାର 4 ପ୍ରତିଶତରୁ 5 ପ୍ରତିଶତକୁ ବୃଦ୍ଧି କରିବାପାଇଁ ପ୍ରସ୍ତାବ ରଖାଯାଇଛି । ମୁଁ ଏଠାରେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଏହା ଅତ୍ୟାବଶ୍ୟକୀୟ ସାମଗ୍ରୀ ଗୁଡିକର ମୂଲ୍ୟ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ; କାରଣ ଅଧିକାଂଶ ଖାଉଟି ସାମଗ୍ରୀ ଏବଂ ଔଷଧର ପ୍ୟାକେଟ୍ ଉପରେ ସର୍ବାଧିକ ପାଇକାରୀ ମୂଲ୍ୟ ଉଲ୍ଲେଖ ରହିଛି । କଞ୍ଚାମାଲ ଉପରେ ପୈଠ ଟିକସ ଭରଣା

(Input Tax Credit) ବ୍ୟବସ୍ଥା ଥିବାରୁ ଉତ୍ପାଦିତ ସାମଗ୍ରୀ ଗୁଡିକ ଉପରେ ମଧ୍ୟ ଦରବୃଦ୍ଧି ହେବାର ସମ୍ଭାବନା ନାହିଁ ।

11.2 ଏତଦ୍‌ବ୍ୟତୀତ ଚିନି ଏବଂ କପଡାକୁ ଅତିରିକ୍ତ ଅବକାରୀ ଟିକସ (ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ) ଆଇନ, 1957 ର ପରିଚ୍ଛଦରୁ ବାଦଦିଆ ଯିବା ପରେ ଏହା ଉପରେ ତା.08.04.2011 ରିଖ ଠାରୁ ମୂଲ୍ୟଯୁକ୍ତ ଟିକସ ଲାଗୁ ହୋଇଥିଲା । ଏହାଦ୍ୱାରା ବ୍ୟବସାୟୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା କାରଣ ଅନ୍ୟ କୌଣସି ରାଜ୍ୟ ଚିନି ଓ କପଡା ଉପରେ ସେତେବେଳ ଟିକସ ବସାଇନଥିଲେ । ତେଣୁ ଏହି ଟିକସ ଆଦାୟକୁ ଜାତୀୟ ସହମତି ପ୍ରକାଶ ପାଇବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ନିକଟରେ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କର କ୍ଷମତାସମ୍ପର୍ଣ୍ଣ କମିଟି ଆସନ୍ତା 01.04.2012 ଠାରୁ ସମସ୍ତ ରାଜ୍ୟ ଏହି ଟିକସ ଲାଗୁ କରିବା ପାଇଁ ସୁପାରିଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଚିନି ଏବଂ କପଡା ସାମଗ୍ରୀ ଉପରେ 5 ପ୍ରତିଶତ ହାରରେ ତା.01.04.2012 ଠାରୁ ମୂଲ୍ୟଯୁକ୍ତ ଟିକସ ଆଦାୟ କରାଯିବା ଲାଗି ପ୍ରସ୍ତାବ ରଖାଯାଇଛି ।

11.3 ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କ ଅବଗତି ନିମନ୍ତେ ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଏହି ନୂତନ ଟିକସ ପ୍ରସ୍ତାବରୁ ଯେଉଁ ଅତିରିକ୍ତ ରାଜସ୍ୱ ମିଳିବ ତାହାକୁ ରାଜ୍ୟର ନଗଦ ଅର୍ଥ ରାଶି (Cash Balance) ବୃଦ୍ଧି କିମ୍ବା ବିତ୍ତୀୟ ନିଅଣ୍ଟ ଭରଣା କରିବା ପାଇଁ ବିନିଯୋଗ କରାଯିବ ନାହିଁ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଁ ଏହି ପବିତ୍ର ଗୃହରେ ଜଣାଇ ଦେବାକୁ ଚାହେଁ ଯେ ଏଥିରୁ ଉପଲବ୍‌ଧ ଅତିରିକ୍ତ ସମ୍ବଳକୁ ସମ୍ପୂର୍ଣ୍ଣ ଭାବେ ରାଜ୍ୟର 37 ଲକ୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା, ବିଧବା ଏବଂ ଭିନ୍ନକ୍ଷମ ମାନଙ୍କୁ ଦିଆଯାଉଥିବା ଭତ୍ତା ରାଶିର ପରିମାଣ ମାସିକ 200 ଟଙ୍କାରୁ 300 ଟଙ୍କାକୁ ଆସନ୍ତା ଏପ୍ରିଲ ପହିଲାରୁ ବୃଦ୍ଧି କରାଯିବା ପାଇଁ ଉପଯୋଗ କରାଯିବ । ମୋର ବିଶ୍ୱାସ, ରାଜ୍ୟ ସରକାରଙ୍କର ଏହି ବଳିଷ୍ଠ ପଦକ୍ଷେପ ରାଜ୍ୟରେ ଥିବା ନିରାଶ୍ରୟ ପରିବାର ମାନଙ୍କ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେବ ।

## 12. ଉପସଂହାର

ମୁଁ ବଜେଟ୍‌ରେ ଆର୍ଥିକ ଶୃଙ୍ଖଳା ଏବଂ ଲୋକଙ୍କର ଆଶା ଓ ଆକାଂକ୍ଷା ମଧ୍ୟରେ ଏକ ସମନ୍ୱୟ ଆଣିବା ପାଇଁ ଚେଷ୍ଟା କରିଛି । ମୋର ଆଶା ଓ ବିଶ୍ୱାସ ଯେ ଏହି ବଜେଟ୍ ରାଜ୍ୟର ସାମଗ୍ରୀକ ଉନ୍ନତିରେ ସହାୟକ ହେବ । ଏହି ପରିପ୍ରେକ୍ଷୀରେ ମୁଁ ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟ ସଦସ୍ୟା ମାନଙ୍କୁ ନମ୍ରତାର ସହିତ କହିବାକୁ ଚାହେଁ ଯେ ଏ ରାଜ୍ୟ ଆମ ସମସ୍ତଙ୍କର ଏବଂ ଏହାର ଉନ୍ନତି ଆମ ସମସ୍ତଙ୍କର କାମ୍ୟ । ଏଥିରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ । ଏହି ଅବସରରେ ଏ ମାଟିର ମହାନ କବି ଗଙ୍ଗାଧର ମେହେରଙ୍କ କବିତାର ଗୋଟିଏ ପଂକ୍ତି ଉଦ୍ଧାର କରିବା ଉଚିତ ମନେକରୁଅଛି -

"ଉଠ ଭାଇ ଉଠ, ନବୀନ ଆଲୋକେ
ଶୋଇଥିଲେ ଚାହିଁ ହସୁଥିବେ ଲୋକେ
ଶୁଭ କର୍ମପଥେ ହୁଅ ଅଗ୍ରସର
ଚକ୍ଷୁ ମିଳିବାକୁ ନାହିଁ ଅବସର ।
ମାତୃଭୂମି ମାତୃଭାଷାର ବଦନ
ଦୀପ୍ତକର ଦେଇ ଧନ ଧାନ୍ୟ ମନ ।"

ମୋର ଭାଷଣକୁ ଧୈର୍ଯ୍ୟ ଓ ଆଗ୍ରହର ସହ ଶୁଣିଥିବାରୁ ମୁଁ ଆପଣଙ୍କୁ, ଗୃହର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିରୋଧୀ ଦଳ ନେତା ଓ ମାନ୍ୟବର ସଦସ୍ୟସଦସ୍ୟା ମାନଙ୍କୁ ପୁନର୍ବାର ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି । ପରିଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ଦିନ ଆମ ରାଜ୍ୟବାସୀଙ୍କ ପାଇଁ ଶୁଭଙ୍କର ଓ ମଙ୍ଗଳମୟ ହେଉବୋଲି ମଧ୍ୟ ମୁଁ ପ୍ରାର୍ଥନା କରୁଛି ।

। ଜୟହିନ୍ଦ୍ ।
।। ବନ୍ଦେ ଉତ୍କଳ ଜନନୀ ।।

ଓଡ଼ିଶା ସରକାରୀ ମୁଦ୍ରଣାଳୟ,ମଧୁପାଟଣା କଟକ-୧୦ରେ ମୁଦ୍ରିତ